## ୨.୪୬ ଗ୍ରାମ୍ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ସୁନ୍ଦରଗଡ, (ଡି.ଏନ୍.ଏ) : ସୁନ୍ଦରଗଡ଼ ଜିଲା ହେମଗିର ଥାନା ପୋଲିସ ଗତ ବିଳମ୍ବିତ ରାତ୍ରିରେ ଡୁଡୁଗା ବାଇପାସ ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ୨.୪୬ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିଛି। ଏଥିସହ ତାଙ୍କ ନିକଟରୁ ପୋଲିସ ୧୦୬୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ ହେମଗିର ଥାନାରେ କେଶ ନଂ. ୨୦୨୦/୨୧ରେ ଏନଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ କରିଛି ବୋଲି ସଦର ଏସଡିପିଓ ମଧୁସ୍ମିତା ମିଶ୍ର ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ସୁନ୍ଦରଗଡ**

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ଅରଣ୍ୟ ସୁନ୍ଦରଗଡ଼ର ମିଳିତ ଆନୁକୂଲ୍ୟରେ କବି ବିନୋଦ ଚନ୍ଦ୍ର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ବିକାଶ ଭବନ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ମରୁଡ଼ି ଘୋଷଣା, କୃଷି ଋଣ ଛାଡ ଦାବିରେ ସଭା

**ସୁନ୍ଦରଗଡ଼, ୪।୯(ଡି.ଏନ୍.ଏ.)**-ମରୁଡ଼ି ଘୋଷଣା ଓ କୃଷି ଋଣ ଛାଡ ଦାବିରେ ଶନିବାର ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ସରଫଗଡ଼ ଓ ଲେଫ୍ରିପଡ଼ା ମଣ୍ଡଳ ତରଫରୁ ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ତହସିଲ ଛକଠାରୁ ଚାଷୀମାନେ ବିଶାଳ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ଏହା ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଖରିଫ ଋତୁରେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଯଦ୍ୱାରା ଦେଶର ବିକାଶର ମେରୁଦଣ୍ଡ କୁହାଯାଉଥିବା ଚାଷୀଙ୍କ ହିତକୁ ନଜରରେ ରଖି ସରଜମିନ ତଦନ୍ତ କରି ଲେଫ୍ରିପଡ଼ା ବ୍ଲକକୁ ମରୁଡ଼ି ଘୋଷଣା ଓ କୃଷି ଋଣ ଛାଡ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ, କୃଷକ ମୋର୍ଚ୍ଚାର ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ସୁରେଶ ପଟେଲ, ଜିଲା କୃଷକ ମୋର୍ଚ୍ଚା ସଭାପତି ରବିଚନ୍ଦ୍ର ପଟେଲ, ଜିଲା ସାଧାରଣ ସମ୍ପାଦକ ଅମିର କୁମାର ନାଏକ, ମଣ୍ଡଳ ସଭାପତି ହୀରାଧର ମାଝୀ, ସୁନିଲ ପଟେଲ, ଜିଲା ପରିଷଦ ସଭ୍ୟ ବାସନ୍ତୀ ବାରିକ, ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲା ସଭାପତି କଳାକୃଷ୍ଣ ଓରାମ, ଜିଲା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶଶୀଶେଖର ନାଏକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ଷଡ଼ଙ୍ଗୀ, ବିମଳ ପଟେଲ, ଫକୀର ପ୍ରଧାନ, ପଞ୍ଚସିଲା ବାରିକ, ସାଂସଦ ଙ୍କ ବ୍ଲକ ପ୍ରତିନିଧି କୌତୁକ ଚୌଧୁରୀ, ବରିଷ୍ଠ ଭାଜପା ନେତା ବୈକୁଣ୍ଠ ବଂଛୁର, ସୁନୀଲ ପଟେଲ, ଡୁଗୁ କିଷାନ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି କ୍ଷୀରୋଦ କୁମାର ସାହୁ, ବିଧାୟକ ଙ୍କ ବ୍ଲକ ପ୍ରତିନିଧି ଶଙ୍କର ନାଏକ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ସମିର ପଟେଲ, ଏସଟି ମୋର୍ଚ୍ଚା ସଭାପତି ହରିଶ ପଟ୍ଟା, ଏସସି ମୋର୍ଚ୍ଚା ସଭାପତି ସୁମନ୍ତ କୁମ୍ଭାର, ଓବିସି ମୋର୍ଚ୍ଚା ସଭାପତି ବିକାଶ ନାୟକ, ମଣ୍ଡଳ ସାଧାରଣ ସମ୍ପାଦକ ରାଜେଶ ସୋରେଙ୍ଗ, ଯୁବ ମୋର୍ଚ୍ଚା ସଭାପତି ସୁଦୀପ୍ତ ପଟେଲ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

### ଟ୍ରକ୍, ଟିପ୍ପର ମାଲିକ ପ୍ରଶାସନର ଦ୍ୱାରସ୍ଥ

**ଦେବଗଡ଼ ୪।୯ (ଡି.ଏନ.ଏ)**ଦେବଗଡ଼ ଜିଲା ବାରକୋଟ ବ୍ଲକ ଟ୍ରକ ଓ ଟିପ୍ପର ମାଲିକ ସଂଘର ସମସ୍ୟାର ସମାଧାନ ପାଇଁ ଶନିବାର ସଂଘ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଏ ମର୍ମରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛି। ଶନିବାର ସଂଘର ସଭାପତି ବେଣୁଧର ସାହୁ ଓ ସମ୍ପାଦକ କ୍ଷେତ୍ରବାସୀ ଦଳବେହେରାଙ୍କ ନେତୃତ୍ୱରେ ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ସଂଘର ପଞ୍ଜିକୃତ ଟ୍ରକ ଏବଂ ଟିପ୍ପରଗୁଡ଼ିକ ସାଧାରଣତଃ ପଡୋଶୀ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର ଖଣି ଅଞ୍ଚଳ ଉପରେ ନିର୍ଭର କରୁଥିବା ବେଳେ ଉପରୋକ୍ତ ଜିଲାଗୁଡ଼ିକରେ ଥିବା ଟ୍ରକ ମାଲିକ ସଂଘ ପାତରଅନ୍ତର ନୀତି ଯୋଗୁ ଦେବଗଡ଼ ଜିଲାର ଟ୍ରକ ଓ ଟିପ୍ପର ଗୁଡ଼ିକୁ ବୋଝେଇ ଦେଉ ନ ଥିବା ଯୋଗୁ ଦେବଗଡ଼ ଜିଲାର ଟ୍ରକ ଓ ଟିପ୍ପର ମାଲିକ ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବା ଏବଂ ଗାଡି ଋଣ କିସ୍ତି ମଧ୍ୟ ଜମା କରିବାରେ ନାହିଁ ନଥିବା ସମସ୍ୟା ରେ ପଡୁଥିବା ଅଭିଯୋଗ କରିଛନ୍ତି।

# ବୃଦ୍ଧାବୃଦ୍ଧଙ୍କ ଲାଗି ବାୟୋମେଟ୍ରିକ ଅଡୁଆ

**ବଡ଼ଗାଁ, ୪।୯(ଡି.ଏନ୍.ଏ.)**

**ରାସନ ସାମଗ୍ରୀ, ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ**


କଜଳି ଡୁଙ୍ଗଡୁଙ୍ଗ


ମାଲୁ ଡୁଙ୍ଗଡୁଙ୍ଗ


ଚୁଡୁ ଡୁଙ୍ଗଡୁଙ୍ଗ


ଜୟବିହାରୀ ପଶାୟତ


ତାନେଶ କେର୍କେଟା


ଟୋପାଜ ଭିଣ୍ଡ୍ରିଆ

■ବାୟୋମେଟ୍ରିକରେ ଶଯ୍ୟାଶାୟୀ, ବୃଦ୍ଧାବୃଦ୍ଧଙ୍କ ଟିପଚିହ୍ନ ସ୍ପଷ୍ଟ ଆସୁନାହିଁ

■ଚାଉଳ, ଭତ୍ତା ନ ପାଇ ହେଉଛନ୍ତି ହନ୍ତସନ୍ତ

ଯେତେବେଳ ପର୍ଯ୍ୟନ୍ତ ଖାଉଟି ସାମଗ୍ରୀ ପାଇଁ ବୟସାଧିକ, ଶଯ୍ୟାଶାୟୀ ହିତାଧିକାରୀଙ୍କ ଆଧାର ସଂଯୋଗ ହୋଇ ନ ଥିଲା ସେ ପର୍ଯ୍ୟନ୍ତ ଚାଉଳ ଓ ସରକାରୀ ସହାୟତା ପାଇବାରେ ସେମାନଙ୍କର ବିଶେଷ ଅସୁବିଧା ହେଉ ନ ଥିଲା। କିନ୍ତୁ ହିତାଧିକାରୀଙ୍କ ସୁବିଧା ପାଇଁ ଆଧାର ସଂଯୋଗ ହେଲା। ହେଲେ ବୟସାଧିକ, ଶଯ୍ୟାଶାୟୀ ହିତାଧିକାରୀଙ୍କ ପାଇଁ ଏହା ଅସୁବିଧା ସୃଷ୍ଟି କରିଛି। ଶଯ୍ୟାଶାୟୀ ହେବାରୁ ଓ ବାର୍ଦ୍ଧକ୍ୟଜନିତ ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ଆଙ୍ଗୁଠି ଓ ଆଖିର ଚିହ୍ନ ବାୟୋମେଟ୍ରିକ ମେଶିନ ନେଇ ନ ପାରିବା ବା ସ୍ପଷ୍ଟ ନ ହେବାରୁ ସେମାନେ ଦୀର୍ଘ ମାସ ହେଲା ଚାଉଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ଏଭଳି ସମସ୍ୟା ଦେଖାଦେଇଛି ସୁନ୍ଦରଗଡ଼ ଜିଲାର ବଡ଼ଗାଁ ପଞ୍ଚାୟତରେ। ବଡ଼ଗାଁ ବସ୍ତିର ଜୟବିହାରୀ ପଶାୟତ (୭୫)। ଅତ୍ୟନ୍ତ ଗରିବ ପରିବାରର ଏହି ବୃଦ୍ଧଙ୍କ ଟିପଚିହ୍ନ ବାୟୋମେଟ୍ରିକ ମେଶିନରେ ସ୍ପଷ୍ଟ ନ ହେବାରୁ ସେ ମାଗଣା ଚାଉଳ, ରାଶନକାର୍ଡ଼ରେ ୬ମାସ ହେଲା ଖାଉଟି ସାମଗ୍ରୀ ପାଇନାହାନ୍ତି। ବାରଟେଙ୍ଗରା ଗ୍ରାମର ତାନେଶ କେର୍କେଟା (୭୭)। ସେ ୧୫ ବର୍ଷ ହେଲା ପକ୍ଷାଘାତରେ ଆକ୍ରାନ୍ତ ହୋଇଛନ୍ତି। ୨ଥର ପଞ୍ଚାୟତ ଅଫିସରେ ତାଙ୍କର ଟିପଚିହ୍ନ ନିଆଯାଇଥିଲେ ମଧ୍ୟ ଚିହ୍ନ ଗ୍ରହଣଯୋଗ୍ୟ ନ ହେବାରୁ ସେ ମାଗଣା ଚାଉଳ ପାଇନାହାନ୍ତି। ସେହିପରି ଟେମାପଡ଼ାର କଜଳି ଡୁଙ୍ଗଡୁଙ୍ଗ (୭୧) ଓ ତାଙ୍କ ସ୍ୱାମୀ ମାଲୁ ଡୁଙ୍ଗଡୁଙ୍ଗଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଇଛି। ମାଲୁ ଡୁଙ୍ଗଡୁଙ୍ଗଙ୍କ ଟିପଚିହ୍ନ ସ୍ପଷ୍ଟ ନ ହେବାରୁ ସେ ପାଇ ଆସୁଥିବା ଭତ୍ତା ବନ୍ଦ ହୋଇଯାଇଥିବାବେଳେ ତାଙ୍କ ସ୍ତ୍ରୀ କଜଳ ୪ମାସ ହେଲା ଖାଉଟି ଚାଉଳ ପାଇ ନ ଥିବା କହିଛନ୍ତି। ଟେମାପଡ଼ାର ଚୁଡୁ ଡୁଙ୍ଗଡୁଙ୍ଗ (୮୨)। ଏହିପରି ସମସ୍ୟା ଯୋଗୁ ୬ମାସ ହେଲା ଖାଉଟି ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ବଡ଼ଗାଁ ବସ୍ତିର ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ଥିବା ବିଜୟ ମିଞ୍ଜିଙ୍କ ଟିପଚିହ୍ନ ବାୟୋମେଟ୍ରିକ ମେଶିନରେ ସ୍ପଷ୍ଟ ନ ହେବାରୁ ଆଧାରକାର୍ଡ଼ ହୋଇପାରୁନାହିଁ। ଫଳରେ ସେ ଭତ୍ତା ଆବେଦନ କରିପାରୁନାହାନ୍ତି। କିଞ୍ଜିରିକେଲାର ଟୋପାଜ ଭିଣ୍ଡ୍ରିଆ (୭୦)ମଧ୍ୟ ରାଶନ ସାମଗ୍ରୀ ପାଇପାରୁ ନାହାନ୍ତି। ଏହିପରି ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ରୋଗଗ୍ରସ୍ତ ଶଯ୍ୟାଶାୟୀ, ବୟସାଧିକ ବୃଦ୍ଧାବୃଦ୍ଧଙ୍କ ଆଧାର କାର୍ଡ଼ ହୋଇପାରୁ ନ ଥିବା ଓ ଯେଉଁମାନଙ୍କର ଅଛି ସେମାନଙ୍କ ଟିପଚିହ୍ନ ସ୍ପଷ୍ଟ ହୋଇପାରୁ ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ସହାୟତା, ଯୋଜନା ଓ ସହଯୋଗରୁ ବାଦ୍ ପଡୁଛନ୍ତି। ଗତ ୨ ତାରିଖ ସୁନ୍ଦରଗଡ଼ ପିଡ଼ି ଡିଆରଡିଏ ଭୈରବ ସିଂ ପଟେଲ ବଡ଼ଗାଁ ବ୍ଲକ ଅଫିସ ଆସିଥିବାବେଳେ ସ୍ଥାନୀୟ ନାଏବ ସରପଞ୍ଚ କେଶବ କର୍ସେଲ ତାଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଦେଖା ଦେଇଥିବା ବାୟୋମେଟ୍ରିକ ସମସ୍ୟା ଉପରେ ଅବଗତ କରାଇ ଲିଖିତ ଭାବେ ଜଣାଇ ସମାଧାନ କରିବାକୁ ଅନୁରୋଧ କରିଥିଲେ। ତେବେ ଯେଉଁ ବୃଦ୍ଧାବୃଦ୍ଧଙ୍କ ଟିପଚିହ୍ନ ବାୟୋମେଟ୍ରିକରେ ସ୍ପଷ୍ଟ ହୋଇ ନ ପାରିବା କାରଣରୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଚିହ୍ନଟ କରି ପ୍ରଶାସନିକ କ୍ଷମତାବଳରେ ସରକାରୀ ଯୋଜନାରେ ସହାୟତା ଦେବାକୁ ଦାବି ହେଉଛି।

### ନାଳରୁ ଯୁବକଙ୍କ ମୃତଦେହ ଜବତ

**ରାଜଗାଙ୍ଗପୁର, ୪।୯(ଡି.ଏନ.ଏ.)**

ରାଜଗାଙ୍ଗପୁର ସହରର ୱାଡ ନଂ. ୧୮ ବାଣ୍ଡୁପଡା ନିକଟସ୍ଥ ଏକ ନାଳରେ ଶନିବାର ରାଜଗାଙ୍ଗପୁର ପୋଲିସ ଏକ ମୃତଦେହ ଭାସୁଥିବାର ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଉଦ୍ଧାର କରିବା ପରେ ଜଣାପଡିଥିଲା ଯେ, ମୃତକ ଜଣଙ୍କ ବାଣ୍ଡୁପଡା ନିବାସୀ ଟେଙ୍ଗେଡେ ଟପ୍ପୋ ( ୪୦)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତ ଶରୀରକୁ ଜବତ କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଛି।

### ବାରହା ଆକ୍ରମଣରେ ଗାଈ ମୃତ

**ବଡ଼ଗାଁ, ୪।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତର ସଫେଇ ନଦୀତଟ ବଡ଼କୁଦର ଜଙ୍ଗଲରେ ଶନିବାର ବାର୍ହା ଆକ୍ରମଣରେ ଭୋଇପାଲି ଗ୍ରାମର ରବୀନ୍ଦ୍ର ପଟେଲଙ୍କ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ମଧ୍ୟାହ୍ନ ୧୨ଟାରେ ଜଣେ ଚରାଳି ମୃତ ଗାଈକୁ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତଣ୍ଟି ନିକଟରେ ବାର୍ହା ଦାନ୍ତ ଆଘାତ ଦେଖାଯାଇଥିଲା।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍



ସୁନ୍ଦରଗଡ଼ରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ।

**ସୁନ୍ଦରଗଡ଼, ୪।୯(ଡି.ଏନ୍.ଏ.)**

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶନିବାର ଜିଲା ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଠାରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ୍ ମହାପାତ୍ର ମୁଖ୍ୟ ଅତିଥି ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ଓ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ପ୍ରଭାସିନୀ ଚକ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ଅତିଥିମାନେ ତାଙ୍କ ବକ୍ତବ୍ୟରେ ନିଜକୁ ସୁସ୍ଥ ରଖିବା ପାଇଁ ଦୌଡକୁଦ, ଶାରୀରିକ ବ୍ୟାୟାମକୁ ଜାରି ରଖି ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ବ୍ରତୀ ହୋଇ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବର ଯଥାର୍ଥତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଉପସ୍ଥିତ ସମସ୍ତ ଅତିଥି ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ଜୀବନ ପାଇଁ ପ୍ରତିଦିନ ଚାଲିବା ଅଭ୍ୟାସ ସକାଶେ ଶପଥପାଠ କରାଇଥିଲେ । ପରେ ଫିଟ ଇଣ୍ଡିଆ ଫ୍ରିଡମ ରନ୍ କାର୍ଯ୍ୟକ୍ରମକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ କେ.ଭି ଉଜଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ପଟେଲ, ଏନସିସି ଅଧିକାରୀ ଆର୍ଯ୍ୟବିଭାସ କୁମାର, ଯୁବ ରେଡକ୍ରସ ଅଧିକାରୀ ପିତାମ୍ବର ବେହେରା, ପ୍ରଭାକର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଲୋକଙ୍କ ସମସ୍ୟା ବୁଝିଲେ ସାଂସଦ

**ଲହୁଣୀପଡ଼ା,୪।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପ୍ରତ୍ୟେକ ବ୍ଲକର ଗ୍ରାମାଞ୍ଚଳଗୁଡ଼ିକ ଗସ୍ତକରି ଲୋକଙ୍କ ସୁବିଧା ଅସୁବିଧା ବୁଝୁଥିବାବେଳେ ସୁନ୍ଦରଗଡ ସାଂସଦ ତଥା ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ ଓ ଜିଲା ଭାଜପା ନେତୃମଣ୍ଡଳୀ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ, ପୋଇଗାଁ, ଡ଼ଲେଇସରା, ରେଙ୍ଗାଲୀ, ଧୋକାମୁଣ୍ଡା, ଡେରୁଳା, ମହୁଲପଦା, ବାଙ୍କି ଅଞ୍ଚଳକୁ ଗସ୍ତକରି ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହି ଗସ୍ତ କ୍ରମରେ ପ୍ରଥମେ ଖୁଣ୍ଟଗାଁ ପଞ୍ଚାୟତର ପୋଇଗାଁଠାରେ ନବନିର୍ମିତ ଗୋଷ୍ଠୀ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହା ପରେ ପୋଇଗାଁ ମୁଣ୍ଡା ସାହିରେ ମରୁଡି ପ୍ରଭାବିତ କୃଷିକ୍ଷେତ୍ର ପରିଦର୍ଶନ କରି କେନାଲରେ ପାଣି ଆସୁ ନ ଥିବା ସମ୍ପର୍କରେ ଗ୍ରାମବାସୀଠାରୁ ଅବଗତ ହୋଇଥିଲେ। ବିଭାଗୀୟ ଅଧିକାରୀଙ୍କୁ ପତ୍ର ଲେଖି ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରେଙ୍ଗାଲୀସ୍ଥିତ ବିଦ୍ୟାଳୟ ଗୁଡ଼ିକର ପରିଦର୍ଶନ କରିଥିଲେ। ଉପାନ୍ତ ଅଞ୍ଚଳ ଡେରୁଳା ପରିଦର୍ଶନରେ ଯାଇ ଜନସାଧାରଣଙ୍କୁ ସାକ୍ଷାତ କରିବା ସହିତ ମୋଦି ସରକାରଙ୍କ ଜନକଲ୍ୟାଣକାରି ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହା ପରେ ମହୁଲପଦା ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଟିକାକରଣ କେନ୍ଦ୍ରକୁ ସାଂସଦ ଓ ଭାଜପା ନେତୃମଣ୍ଡଳୀ ପରିଦର୍ଶନ କରି ଲୋକମାନେ ଯେମିତି ସୁବିଧାରେ ଟିକା ପାଇ ପାରିବେ ସେ ସମ୍ପର୍କରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଟିକା ଗ୍ରହଣ କରି ଆସିଥିବା ଲୋକଙ୍କୁ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ କହିଥିଲେ। ଓରାମ ଖୁଣ୍ଟଗାଁ ଗ୍ରାମବାସୀଙ୍କ ଆଗ୍ରହ କ୍ରମେ ଟସର ପାର୍କ ନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ। ସାଂସଦଙ୍କ ଗସ୍ତ କାଳରେ ବଣାଇ ଭାଜପା ସଭାପତି ଅନିଲ କୁମାର ବାର୍ଲା, ଜିଲା ପ୍ରଭାରୀ ବଟକିଶୋର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଜିଲା ଉପସଭାପତି ପ୍ରଦୀପ ସାଇଁ ଉପସ୍ଥିତ ଥିଲେ।

### ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ


ଫିଟ୍ ଇଣ୍ଡିଆ ଫ୍ରିଡ଼ମ ରନ୍ କାର୍ଯ୍ୟକ୍ରମ ଶୁଭାରମ୍ଭ

**କୁତ୍ରା, ୪।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ସ୍ଥିତ ଡାଲମିଆ କଲେଜରେ ଶନିବାର ଫିଟ ଇଣ୍ଡିଆ ଫ୍ରିଡମ ରନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଡ.ହିରନ ଲୁଗୁନ ଶୁଭାରମ୍ଭ କରିଥିବା ବେଳେ ଏନସିସି ଅଫିସର ମହମ୍ମଦ ହମିଦ ଓ କଲେଜର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ଏଥିରେ କଲେଜର ଏନସିସି,ଏନଏସଏସ, ରେଡକ୍ରସ ଛାତ୍ରୀଛାତ୍ର ଭାଗନେଇ ହାତରେ ତ୍ରିରଙ୍ଗା ପତାକା ଧରି ଦୁଇ କିଲୋମିଟର ଦଉଡି ଥିଲେ।

### ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚୁ


ଖଦି ବୋର୍ଡ ଚେୟାରମ୍ୟାନ ସଂଗ୍ରାମକେଶରୀ ରାଉତରାୟ ଉଦ୍‌ବୋଧନ ଦେଉଛନ୍ତି।

**କୁଆଁରମୁଣ୍ଡା,୪।୯(ଡି.ଏନ.ଏ.)**

ବିଜେଡ଼ି ରାଉରକେଲା ସାଙ୍ଗଠନିକ ଜିଲା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଝାରବେଡ଼ା ପଞ୍ଚାୟତର ରିଙ୍ଗ ଗ୍ରାମରେ ଶନିବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଖଦି ବୋର୍ଡ ଚେୟାରମ୍ୟାନ ତଥା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡ଼ି ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ରାଉତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁସବୁ ଜନହିତକାରୀ ଯୋଜନାଗୁଡ଼ିକ ପ୍ରଣୟନ କରୁଛନ୍ତି ତାହାର ସୁବିଧା କିଭଳି ସାଧାରଣ ଲୋକଙ୍କ ନିକଟରେ ସିଧାସଳଖ ପହଞ୍ଚିପାରିବ ସେ ସମ୍ପର୍କରେ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେଶ ହାସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବିଜେଡ଼ି ସମ୍ବଲପୁର ଜୋନସ୍ତରୀୟ ମହିଳା ସଭାନେତ୍ରୀ ସନ୍ଧ୍ୟାରାଣୀ ଲାକ୍ରା, ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ନିମନ୍ତୀ ଲୁଗୁନ, ବରିଷ୍ଠ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର, ଜିଲା ପରିଷଦ ସଭ୍ୟ ସୁନିତା ଅହିର, ଝାରବେଡ଼ା ସରପଞ୍ଚ ମାଥିଆସ ଲାକ୍ରା, ସମିତି ସଭ୍ୟା ପ୍ରଭାସିନୀ ସେଠୀ ଉପସ୍ଥିତ ଥିଲେ। ଏଥିରେ ବିଜେଡ଼ି ଝାରବେଡ଼ା ପଞ୍ଚାୟତ ସଭାପତି ଭଦ୍ର ନାଏକ, ପଞ୍ଚାୟତ ଅବଜରଭର ରାଜେଶ ଖାଲଖୋ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।

### ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଅଙ୍ଗନୱାଡି କର୍ମୀମାନଙ୍କୁ ପୋଷଣ ଜାତୀୟ ବୃକ୍ଷ ପ୍ରଦାନ

**କୁତ୍ରା, ୪।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଣ୍ଡେଇମୁଣ୍ଡା ଗ୍ରାମ ପଞ୍ଚାୟତର ତେଲିଘନାଠାରେ ଥିବା ଶିବା ସିମେଣ୍ଟ ଅଧିକୃତ ଜେଏସଡବ୍ଲ୍ୟୁ କାରଖାନା ପକ୍ଷରୁ ପୋଷଣ ସପ୍ତାହ ଉପଲକ୍ଷେ ବ୍ଲକର କଣ୍ଡେଇମୁଣ୍ଡା ଓ ଖଟକୁରବାହାଲ ପଞ୍ଚାୟତର ଅଙ୍ଗନୱାଡି କର୍ମୀମାନଙ୍କୁ ବିଭିନ୍ନ ପ୍ରକାର ପୁଷ୍ଟି ଜାତୀୟ ବୃକ୍ଷ ପ୍ରଦାନ କରାଯାଇଛି। ସଜନା, ପବିତା, ଲେମ୍ବୁ, ଡାଳିମ୍ବ ଏମିତି ଅନେକ ପ୍ରକାର ପୁଷ୍ଟି ଜାତୀୟ ବୃକ୍ଷ ପ୍ରଦାନ କରାଯାଇଛି। ସମସ୍ତ ଅଙ୍ଗନୱାଡି କେନ୍ଦ୍ର ପରିସରଗୁଡ଼ିକୁ ପୁଷ୍ଟି ଗାର୍ଡେନ କରିବା ପରିପ୍ରେକ୍ଷୀରେ ଏହା ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି କାରଖାନା ମୁଖ୍ୟ ଅନୀଲ ମିଶ୍ର। ଏଥିରେ ଉଭୟ ଶିଶୁ ଏବଂ ଗର୍ଭବତୀ ମହିଳା ଶତପ୍ରତିଶତ ଉପଯୁକ୍ତ ଲାଭ ପାଇପାରିବେ।ଏହି କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ଅନୀଲ ମିଶ୍ର, ସିଏସଆର ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ମାଇନ୍ସ ଫୋରମେନ ସିଦ୍ଧାର୍ଥ ନାରାୟଣ ପତି, ବୈଭବ ନାୟକ, ଲିମାରୋଜ ଲାକ୍ରା, ସିଡିପିଓ ସୁବାସୀ ମୁଣ୍ଡୁ ଏବଂ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ।

## ନିର୍ମାଣାଧୀନ ଅକ୍ସିଜେନ ପ୍ଲାଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ ଦାବି

**ଦେବଗଡ଼,୪।୯(ଡି.ଏନ୍.ଏ)**


ଅକ୍ସିଜେନ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

ଗବେଷକ ଏବଂ ବିଶେଷଜ୍ଞମାନଙ୍କ ମତ ଅନୁଯାୟୀ ଖୁବଶୀଘ୍ର କୋଭିଡ-୧୯ ତୃତୀୟ ଲହର ଆସିବାର ଆଶଙ୍କା ରହିଛି। ଏଣୁ ସମ୍ଭାବ୍ୟ ବିପତିକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ନିମନ୍ତେ ଏନ୍‌ଏଚ୍‌ଏଆଇର ସିଏସ୍‌ଆର୍ ଫଣ୍ଡରୁ ଦେବଗଡରେ ଅକ୍ସିଜେନ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲିଗାଲ ରାଇଟ୍ସ କାଉନଶିଲ ଇଣ୍ଡିଆ ପକ୍ଷରୁ ଦାବି କରାଯାଇଛି। ଲିଗାଲ ରାଇଟ୍ସ କାଉନଶିଲ ଇଣ୍ଡିଆର ରାଜ୍ୟ ସଭାନେତ୍ରୀ ଅରୁନ୍ଧତୀ ଦେବୀ ଏକ ଦାବିପତ୍ର ଦେବଗଡ ଶାଖାର କର୍ମକର୍ତ୍ତାଙ୍କ ଦ୍ୱାରା ଦେବଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋଜ ଉପାଧ୍ୟାୟଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଯେ, କୋଭିଡ ମହାମାରୀର ଠିକ ମୁକାବିଲା ନିମନ୍ତେ ଜନସାଧାରଣଙ୍କ ଦାବି ଆଧାରରେ ଦେବଗଡରେ ଏକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାବି କରିଥିଲେ। ଏହାପରେ ସ୍ଥାନୀୟ ପଲିଟେକ୍‌ନିକ୍‌ରେ ସ୍ଥାପିତ କୋଭିଡ ପ୍ରଯତ୍ନ କେନ୍ଦ୍ରରେ ଏନ୍‌ଏଚ୍‌ଏଆଇର ସିଏସ୍‌ଆର୍ ଫଣ୍ଡରୁ ଏକ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣାଧିନ ରହିଛି। ଏହାର ନିର୍ମାଣ କାର୍ଯ୍ୟ ଜୁନ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଲୋକାର୍ପଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲେ ହେଁ ଏନ୍‌ଏଚଏଆଇ ବିଭାଗର ଅବହେଳା ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ।

## ବିଚାର ବିଭାଗୀୟ କାର୍ଯ୍ୟର ସମୀକ୍ଷା

**ଦେବଗଡ଼, ୪।୯(ଡି.ଏନ.ଏ)**

**ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥଙ୍କ ଦେବଗଡ଼ ଗସ୍ତ**


ଉଚ୍ଚ ନ୍ୟାୟାଳୟର ବିଚାରପତି ବିଶ୍ୱନାଥ ରଥଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ଦିନିକିଆ ଦେବଗଡ ଗସ୍ତରେ ଶନିବାର ଆସି ବିଚାର ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଜଷ୍ଟିସ ରଥ ଜିଲା ଓକିଲ ସଂଘ କାର୍ଯ୍ୟାଳୟକୁ ଯାଇ ଆଇନଜୀବୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜଷ୍ଟିସ ରଥ ଜିଲା ନ୍ୟାୟାଳୟ ପରିସରରେ ପହଞ୍ଚିବା କ୍ଷଣି ତାଙ୍କୁ ଜିଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟ ଓ ଜିଲା ଓକିଲ ସଂଘର ସଦସ୍ୟମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଆଲୋଚନା ସଭାରେ ଜିଲା ଓକିଲ ସଂଘ ସଭାପତି ପ୍ରମଥେଶ ଗୁରୁ, ସମ୍ପାଦକ ଟିକେଶ୍ୱର ଧଳ, ସହ ସମ୍ପାଦକ ବିରେନ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ଜୟଭଗବାନ ଅଗ୍ରୱାଲା, ରାଜୀବ କୁମାର ପ୍ରଧାନ, ପୂର୍ବତନ ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ସଦସ୍ୟ ସିଦ୍ଧେଶ୍ୱର ଗୁରୁ ଓ ପିଙ୍କିରାଣୀ ନନ୍ଦଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଅପରାହ୍ନରେ ଜଷ୍ଟିସ ରଥ ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲା ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସେଠାରେ ଜିଲା ଓକିଲ ସଂଘ ପକ୍ଷରୁ ତାଙ୍କୁ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପଶ୍ଚିମ ଓଡିଶାରେ ଯଥାଶୀଘ୍ର ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ, ଆବଶ୍ୟକତା ଦୃଷ୍ଟିରୁ ଦେବଗଡ ଜିଲାରେ ଭିଜିଲାନ୍ସ କୋର୍ଟ ଓ ଫେମିଲି କୋର୍ଟ ସ୍ଥାପନ, ଜିଲା ନ୍ୟାୟାଳୟ ପରିସରକୁ ଆସୁଥିବା ମହକିଲ ଓ ଜନସାଧାରଣଙ୍କ ପାଇଁ ଅତ୍ୟାଧୁନିକ ବିଶ୍ରାମ ଗୃହ ନିର୍ମାଣ, ଅଦାଲତରେ ଖାଲି ପଡିଥିବା ବିଭିନ୍ନ ପଦବୀ ପୂରଣ କରାଯିବା ସହ ଓକିଲ ଓ ମହକିଲମାନଙ୍କ ପାଇଁ ସ୍ୱତନ୍ତ୍ର ଗାଡି ପାର୍କିଂର ବ୍ୟବସ୍ଥା ପାଇଁ ଉକ୍ତ ସ୍ମାରକପତ୍ର ଜରିଆରେ ଦାବି କରାଯାଇଥିବା ଜଣାପଡିଛି।

**ଯୁବତୀ ନିଖୋଜ ନେଇ ଥାନାରେ ଅଭିଯୋଗ**

ସମ୍ବଲପୁର/ହୀରାକୁଦ,(ବ୍ୟୁରୋ/ଡି.ଏନ.ଏ.): ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳର ଜଣେ ଯୁବତୀ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ କ୍ରମେ ଯୁବତୀ ଜଣଙ୍କ ଅଗଷ୍ଟ ୨୭ରେ ଏକ ସରକାରୀ କ୍ୱାର୍ଟର୍ସରୁ ଉଦ୍ଧାର ହୋଇ ପରିବାର ସହିତ ଘରକୁ ଫେରିଥିଲେ। କିଛିଦିନ ପରେ ସେ ପୁଣି କୁଆଡେ ଚାଲିଯାଇଛନ୍ତି। ତାଙ୍କୁ କେହି ଅପହରଣ କରିନେଇଥିବା ସନ୍ଦେହ କରି ପରିବାର ଲୋକେ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ନାବାଳିକା ବଳାତ୍କାରରେ ନାବାଳକଙ୍କ ସମ୍ପୃକ୍ତି

ସମ୍ବଲପୁର/ହୀରାକୁଦ,୪।୯(ବ୍ୟୁରୋ/ଡି.ଏନ.ଏ.): ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳର ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ରହିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଧରି ସ୍ୱତନ୍ତ୍ର କୋର୍ଟରେ ହାଜର କରିଛି। ଏ ନେଇ ଥାନାରେ ୨୦୯/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୋଗ କ୍ରମେ ଶୁକ୍ରବାର ନାବାଳିକାଙ୍କୁ ଏକୁଟିଆ ଦେଖି ନାବାଳକ ଜଣଙ୍କ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଫେରି ଜଣାଇବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

### ମଦବିକ୍ରି ଅଭିଯୋଗରେ ପୂର୍ବତନ ସରପଞ୍ଚ ଗିରଫ

ସମ୍ବଲପୁର,୪।୯(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ଏକ ଢାବାରେ ଶନିବାର ଅବକାରୀ ବିଭାଗ ଚଢାଉ କରିଥିଲା। ଏହି ସମୟରେ ଢାବା ମାଲିକ ତଥା କୟାକୁଦ ପୂର୍ବତନ ସରପଞ୍ଚ ବେଦବ୍ୟାସ ପ୍ରଧାନଙ୍କୁ ଗିରଫ କରିଛି। ସେଠାରୁ ଦେଶୀ ଓ ବିଦେଶୀ ମୋଟ ୧୫ ଲିଟର ମଦ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ବିଭାଗ ପକ୍ଷରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଯୁଯୁମୁରା ଥାନା ଅଞ୍ଚଳର ଅଧିକାଂଶ ଢାବାରେ ମଦ, ଗଞ୍ଜେଇ କାରବାର ହେଉଥିବା ଅଭିଯୋଗ ହୋଇଆସୁଛି।

### କୁଲତା ସମାଜ ଅଢାପଡା ପୀଠର ବିକାଶ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୪।୯: ଲଖନପୁର ବ୍ଲକ୍ ଅଢାପଡା ରଣେଶ୍ୱର ରାମଚଣ୍ଡୀ ପୀଠରେ ଶନିବାର ବାବା ବିଶାଶହେ କୁଲତା ସମାଜ ଅଢାପଡା ପୀଠର ସଭାପତି ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଣ୍ଡରୀ ସାତପାଲି, ପିପିଲିକାନୀ ସାତପାଲି, ବାଘମୁଣ୍ଡା ଚାରପାଲି ଡିହ ତିଲିଆ, ଅଢାପଡା ପାଞ୍ଚପାଲି ଓ ବନ୍ଧବାହାଲ ରାମଚଣ୍ଡୀ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ବାବା ବିଶାଶହେ କୁଲତା ଜାତିର ଏକତା, ଅଖଣ୍ଡତା ଓ ସାମାଜିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ମା’ ରଣେଶ୍ୱର ରାମଚଣ୍ଡି ମନ୍ଦିର ସୁପରିଚାଳନା ପାଇଁ ଆବଶ୍ୟକ ପାଣି ଯୋଗାଇବାକୁ ଉପରୋକ୍ତ ସଙ୍ଗଠନ ସହମତି ପ୍ରକାଶ କରିଥିଲେ। ଅଢାପଡା ପୀଠ ତରଫରୁ ମନ୍ଦିର ପ୍ରତିଷ୍ଠା ଦିବସରେ ଏକ ସ୍ମରଣିକା ପ୍ରକାଶ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅଢାପଡା ପାଞ୍ଚପାଲି ଗୁଡି ସଭାପତି ଉପେନ୍ଦ୍ର ଭୋଇ, ପିପିଲିକାନୀ ସାତପାଲି ଗୁଡି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ପଣ୍ଡରୀ ସାତପାଲି ଗୁଡି ଉପସଭାପତି ନାରାୟଣ ପ୍ରଧାନ, ବାଘମୁଣ୍ଡା ବାରପାଲି ସଭାପତି ଗିରିଶଚନ୍ଦ୍ର ସାହୁ, ବନ୍ଧବାହାଲ ମା’ ରାମଚଣ୍ଡୀ ସଙ୍ଗଠନ ସଭାପତି ଭାଗୀରଥି ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ଟିପିଡବ୍ଲ୍ୟୁଓଡିଏଲ୍ ଅଧିକାରୀଙ୍କୁ ସମସ୍ୟା ଜଣାଇଲା ଭାଜପା

ସମ୍ବଲପୁର,୪।୯(ବ୍ୟୁରୋ): ସମ୍ବଲପୁର ଜିଲା ଭାଜପା ପକ୍ଷରୁ ବିଦ୍ୟୁତ୍ ବିଭାଗର ବିଭିନ୍ନ ସମସ୍ୟା ନେଇ ଶନିବାର ଅଧିକ୍ଷଣ ଯନ୍ତ୍ରୀ ଏସ୍. ନାଏକଙ୍କ ସହ ଆଲୋଚନା କରାଯାଇଛି। ବିଦ୍ୟୁତ୍ ବିଭାଗ ଟାଟା ପାୱାର ହାତକୁ ଗଲାପରେ ଯେଉଁ ସମସ୍ୟା ହେଉଛି ସେ ନେଇ ଅଭିଯୋଗ କରିଥିଲେ। ଆଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଠିକ୍ ସମୟରେ ବିଲ୍ ନ ଦେବା, ବକେୟା ଟଙ୍କା ଅସୁଲି ନାମରେ ଜୁଲମ କରିବା, ସ୍ଥାୟୀ ନିଯୁକ୍ତି ଓ ଯୋଗ୍ୟ ଅନୁସାରେ ଅନ୍ୟ ପଦବୀରେ ନିଯୁକ୍ତି ଦିଆଯାଉ ନ ଥିବା ଦର୍ଶାଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ମିଟର ବସାଯାଇଥିଲେ ବି ସଂଯୋଗ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲ, ବେଣୁଧର ଦାସ, ଦାମୋଦର କର, ମାନସ ରଞ୍ଜନ ବକ୍ସି, ଅଶ୍ୱିନୀ ମାଝି, ନିଳାମ୍ବର ସିକନ୍ଦର, ଗିରିଜା ସାହୁ, ଶମ୍ଭୁ ବରେଲିଆ, ସରୋଜ କୁମାର ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ପୋଷଣ ଅଭିଯାନ

ସମ୍ବଲପୁର,୪।୯(ବ୍ୟୁରୋ): ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜରେ ଶନିବାର ରାଷ୍ଟ୍ରୀୟ ପୋଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇଙ୍କ ଅଧକ୍ଷତା ତଥା ସମ୍ବଲପୁର ହୋମିଓପାଥି କଲେଜ ଅଧକ୍ଷ ଡା. ସୁଧାଂଶୁ ଶେଖର ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏନ୍ଏସ୍ଏସ୍ ପକ୍ଷରୁ ଚିକିତ୍ସା ଶିବିର କରାଯାଇ ଛାତ୍ରୀଛାତ୍ର, ଅଧାପିକା, ଅଧାପକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ସୁପରସ୍ପେଶାଲିଟି ବିଳମ୍ବରେ କମିଶନ ବାଧା

ସମ୍ବଲପୁର, ୪।୯(ବ୍ୟୁରୋ)




- ୨୦ ଲକ୍ଷ ଦେଲେ ସାମଗ୍ରୀ ଓହ୍ଲାଇବ
- କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ନେତାଙ୍କ ଅଣଦେଖା
- ବିଳମ୍ବ ନେଇ ବଢୁଛି ଅସନ୍ତୋଷ

ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍ସାର ସୁପରସ୍ପେଶାଲିଟିରେ ଆଉ ୫ ବିଭାଗ ଖୋଲାଯିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଞ୍ଜୁରୀ ଦେଇଛି। ଏହାକୁ ନେଇ ଯେତିକି ଉତ୍ସାହ ସ୍ୱତନ୍ତ୍ର କୋଠା ନିର୍ମାଣରେ ବିଳମ୍ବକୁ ନେଇ ସେତିକି ଅସନ୍ତୋଷ ଦେଖାଦେଇଛି। ଜଣେ ପ୍ରଭାବଶାଳୀ ନେତାଙ୍କ କମିଶନ ମୋହ ପାଇଁ ସୁପରସ୍ପେଶାଲିଟି ହସ୍ପିଟାଲ କୋଠା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ଏପରି କି ଠିକା ସଂସ୍ଥାକୁ ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଦେଲା ପରେ ସମ୍ବଲପୁର ମାଟିରେ ମେଶିନ ଓହ୍ଲାଇବ ଓ ପରେ ପୁରା କମିଶନ ଦେବ ବୋଲି ଖୋଲା ଧମକ ଦିଆଯାଇଛି। ଏହି ଧମକ ପରେ ପ୍ରଭାବଶାଳୀ ରାଜନେତା ହୋଇଥିବାରୁ ଠିକା ସଂସ୍ଥା କାମରେ ବାଧା ସୃଷ୍ଟି ହେବା ଆଶଙ୍କାକରି ମୁହଁ ଖୋଲୁ ନାହିଁ। ଏପରି କି ଭିମ୍ସାର କର୍ତ୍ତୃପକ୍ଷ ମଧ ଉକ୍ତ ରାଜନେତାଙ୍କୁ ଫୋନ କରି ସମାଧାନ କରିବାକୁ ଅନୁରୋଧ କରିଥିଲେ। ହେଲେ ଟଙ୍କା ଦେଲେ କାମ ହେବ ବୋଲି ନେତା ଜଣଙ୍କ ରୋକଠୋକ ଶୁଣାଇ ଦେଇଥିଲେ। ପରେ ଠିକା ସଂସ୍ଥା ବାଧ୍ୟ ହୋଇ ସଲାସୁତୁରା କରିବାକୁ ବାଟ ଖୋଜୁଛି।

ମିଳିଥିବା ରିପୋର୍ଟ ଅନୁସାରେ ଭିମ୍ସାର ସୁପରସ୍ପେଶାଲିଟି ଖୋଲିବାକୁ ନେଇ କେନ୍ଦ୍ର ସ୍ତରରେ ଟେଣ୍ଡର ହୋଇଥିଲା। ଏଥିପାଇଁ ପ୍ରାୟ ୧୫୦ କୋଟି ବ୍ୟୟ ଅଟକଳ ରହିଛି। ହାଇଟସ ନାମକ ଏକ କମ୍ପାନୀ ଟେଣ୍ଡର କାମ ନେଇଛି। କିଛି ସବ୍‌କଣ୍ଟ୍ରାକ୍ଟରଙ୍କୁ ନେଇ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୦୧୯ରେ ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ୨ବର୍ଷ ବିଳମ୍ବ ହୋଇଛି। କୋଭିଡ୍ କଟକଣା କୋହଳ ହେବା ପରେ ସ୍ୱାଭାବିକ ଭାବେ କାମ ଚାଲୁଛି। ଭିତ୍ତିଭୂମି କାମ ପ୍ରାୟ ଶେଷ ହୋଇଛି। ଏବେ ଆବଶ୍ୟକ ମେଶିନ, ମୋଡୁଲାର ଓଟି ପାଇଁ ଅତ୍ୟାଧୁନିକ ସରଞ୍ଜାମ, ବିଦ୍ୟୁତ୍‌କରଣ ସାମଗ୍ରୀ, ଚିକିତ୍ସା ଉପକରଣ ପ୍ରଭୃତି ଆସି ଖଞ୍ଜା ହେବାକୁ ବାକି ରହିଛି। ଏସବୁ ସାମଗ୍ରୀ ଆନ୍ଧ୍ରପ୍ରଦେଶରୁ ଆସିବ। ହେଲେ ଏହି ସାମଗ୍ରୀ କିଣା କମ୍ପାନୀକୁ ଏବେ କମିଶନ ମଗାଯାଉଛି। ଟଙ୍କା ଦେବା ପରେ ସାମଗ୍ରୀ ଆଣିବ ବୋଲି କୁହାଯାଇଛି। ତେଣୁ ପ୍ରାୟ ୪ ମାସ ହେବ କୌଣସି ସମାଗ୍ରୀ ଆସିପାରୁନାହିଁ ଓ କାମରେ ବିଳମ୍ବ ହେଉଛି। ଏକ ଦଳର ପାୱାର କରିଡରରେ ଥିବା ପ୍ରଭାବଶାଳୀ ନେତା ହୋଇଥିବାରୁ ଭିମସାର କର୍ତ୍ତୃପକ୍ଷ ଓ ପୋଲିସ ମଧ ଠିକା ସଂସ୍ଥାକୁ ସହଯୋଗ କରିପାରୁ ନ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଭିମ୍ସାର ନିର୍ଦ୍ଦେଶକ ପ୍ରଫେସର ଡା. ଲଳିତ ମେହେର କହିଛନ୍ତି, ଆବଶ୍ୟକ କେତେକ ସାମଗ୍ରୀ ଯୋଗାଇବାକୁ ନେଇ ଦୁଇ ସବ୍‌କଣ୍ଟ୍ରାକ୍ଟର ଭିତରେ ସମସ୍ୟା ହୋଇଥିବା ଜଣାପଡିଥିଲା। ହେଲେ ଏବେ କିଛି ସମସ୍ୟା ନାହିଁ। କାମ ଠିକ୍ ଭାବେ ଚାଲୁଛି। ଭିତ୍ତିଭୂମି କାମ ନ ସରିବାରୁ ଠିକା ସଂସ୍ଥା ସାମଗ୍ରୀ ଆଣିବାରେ ବିଳମ୍ବ କରୁଛି। ଖୁବ୍‌ଶୀଘ୍ର ଆବଶ୍ୟକ ସମସ୍ତ ସାମଗ୍ରୀ ଆସିଯିବ ବୋଲି ସେ କହିଥିଲେ।

# ଯୁବକଙ୍କ ଗଳିତ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୪।୯

ଲଖନପୁର ଥାନା ହୀରାକୁଦ ଜଳଭଣ୍ଡାର ଠେବର ଡଙ୍ଗାଘାଟରୁ ଶନିବାର ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ବୟସ ୩୫ରୁ ୪୦ବର୍ଷ ହେବ। ମାଜିଷ୍ଟ୍ରେଟ୍ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଇଛି। ପରିଚୟ ଜାଣିବାପାଇଁ ପୋଲିସ୍ ମୃତଦେହକୁ ମର୍ଗରେ ରଖିଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛି। ଏ ନେଇ ଭଅଁରଖୋଲ ସରପଞ୍ଚ ଅଶ୍ୱିନୀ ପ୍ରଧାନ ପୋଲିସ୍‌ରେ ଜଣାଇବା ପରେ ଲଖନପୁର ଥାନାରେ ଏକ ମାମଲା (ନଂ୧୬/୨୧) ରୁଜୁ ହୋଇଛି। ହୀରାକୁଦ ଜଳଭଣ୍ଡାରକୁ ମତ୍ସ୍ୟଜୀବୀମାନେ ମାଛ ମାରିବା ପାଇଁ ଯାଇଥିବାବେଳେ ମୃତଦେହ ଭାସୁଥିବା ଦେଖିଥିଲେ। ସେମାନେ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟିକୁ ଆଣିବା ପରେ ସେ ପୋଲିସ୍‌କୁ ଜଣାଇଥିଲେ। ପୋଲିସ ଲଖନପୁର ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଜବତ କରିଥିଲେ।

# ତ୍ରିବେଣୀ ସଙ୍ଗମରେ ସାମୂହିକ ଅସ୍ଥି ବିସର୍ଜନ ହେବ

ସମ୍ବଲପୁର,୪।୯(ବ୍ୟୁରୋ)

ମାରୱାଡି ଯୁବାମଞ୍ଚ ସମ୍ବଲପୁର ଓ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଓଡ଼ିଶା ପ୍ରାନ୍ତିୟ ମାରୱାଡି ଯୁବାମଞ୍ଚ ମିଳିତ ଆନୁକୂଲ୍ୟରେ ସାମୂହିକ ଅସ୍ଥି ବିସର୍ଜନ ହେବ ବୋଲି ଶନିବାର ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। କରୋନା ମହାମାରୀ ସମୟରେ ଅନେକ ଜୀବନ ହାନି ଘଟିଛି। ଅସ୍ଥି ବିସର୍ଜନ କାର୍ଯ୍ୟ ଅନେକ ପରିବାର କରିପାରି ନାହାନ୍ତି। ଯଦି ସେମାନେ ଚାହିଁବେ ବିସର୍ଜନ କରାଯାଇ ପାରିବ। ମଞ୍ଚ ପକ୍ଷରୁ ସେପ୍ଟେମ୍ବର ୧୩ରେ ଆହ୍ଲାବାଦ ତ୍ରିବେଣୀ ସଙ୍ଗମଠାରେ ବିସର୍ଜନ କରାଯିବ। ସେପ୍ଟେମ୍ବର ୯ ସୁଦ୍ଧା ପରିବାର ବର୍ଗ ନାମ ଠିକଣା ସହିତ ଅସ୍ଥି ଦେବାକୁ ପଡିବ। ଖବରଦାତା ସମ୍ମିଳନୀରେ ଦିନେଶ କୁମାର ଅଗ୍ରୱାଲ, ମଙ୍ଗତୁରାମ ଅଗ୍ରୱାଲ, ଚନ୍ଦ୍ର କୁମାର ସରାଫ, ପ୍ରତିକ ଅଗ୍ରୱାଲ ଉପସ୍ଥିତ ଥିଲେ।

# ନନ୍‌ଆଭେଲେବିଲିଟି ସାର୍ଟିଫିକେଟ ପାଇଁ ଲାଞ୍ଚ

ରେଢ଼ାଖୋଲ,୪।୯(ଡି.ଏନ.ଏ.)

## ଉପଜିଲାପାଳଙ୍କୁ ଅଭିଯୋଗ କଲେ ଆଦିବାସୀ ମହିଳା

ଜନ୍ମମୃତ୍ୟୁ ପ୍ରମାଣପତ୍ର ଆବେଦନ ପାଇଁ ଆବଶ୍ୟକ ନନ୍‌ଆଭେଲିବିଲିଟି ସାର୍ଟିଫିକେଟ ଦେବାକୁ ଚାରମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପଞ୍ଜୀକରଣ ଅଧିକାରୀ ୫ଶହ ଟଙ୍କା ଲାଞ୍ଚ ନେଇଥିବା ଜଣେ ଆଦିବାସୀ ମହିଳା ଶନିବାର ଉପଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଉପଜିଲାପାଳ ପବିତ୍ର ବେହେରା ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଚାରମାଳ ଥାନା ଚାରୁଣି ଗ୍ରାମର ଆଦିବାସୀ ମହିଳା ସାଇବାନି ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତର ତନ୍ତଗାର୍ଡ ଗ୍ରାମରେ ମୃତ୍ୟୁବରଣ କରିଥିବା ତାଙ୍କ ପିତା ସ୍ୱର୍ଗତ ପୁରନ୍ଦର ମୁଣ୍ଡା ଓ ମାତା ସ୍ୱର୍ଗତ ଗୁରୁବାରୀ ମୁଣ୍ଡାଙ୍କ ମୃତ୍ୟୁ ପ୍ରମାଣପତ୍ର ଆବଶ୍ୟକ ହେବାରୁ ସେ ଉପଜିଲାପାଳଙ୍କ ଅଦାଲତରେ ଆବେଦନ କରିବାକୁ ଆସିଥିଲେ। ଏଥିପାଇଁ ଏକ ସତ୍ୟପାଠ ସହ ନନ୍‌ଆଭେଲେବିଲିଟି ସାର୍ଟିଫିକେଟ ଆବଶ୍ୟକ ଥିବାରୁ ସାଇବାନି ଶୁକ୍ରବାର ଚାରମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପଞ୍ଜୀକରଣ ଅଧିକାରୀଙ୍କ ନିକଟକୁ ଯାଇ ଉକ୍ତ ସାର୍ଟିଫିକେଟ ଦେବାକୁ କହିଥିଲେ। ତେବେ ସମ୍ପୃକ୍ତ କର୍ମଚାରୀ ଜଣକ ୫ଶହ ଟଙ୍କା ନ ଦେଲେ ସାର୍ଟିଫିକେଟ ମିଳିବ ନାହିଁ ବୋଲି କହିବା ସହ ଟଙ୍କା ନ ଦେଲେ ୫ ମାସ ପରେ ଆସ ବୋଲି କହିଥିଲେ। ଅନ୍ୟ ଉପାୟ ନ ପାଇ ଶେଷରେ ସାଇବାନି ଜଣେ ସମ୍ପର୍କୀୟଙ୍କଠାରୁ ୫ ଶହ ଟଙ୍କା ଧାର ଆଣି ସମ୍ପୃକ୍ତ ଅଧିକାରୀଙ୍କୁ ଦେବା ପରେ ତାଙ୍କୁ ସାର୍ଟିଫିକେଟ ମିଳିଥିଲା। ଏ ସମ୍ପର୍କରେ ସେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ ଉପଜିଲାପାଳଙ୍କୁ ଦେବା ସହିତ ଏହାର ନକଲ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଠାଇଛନ୍ତି। ଘଟଣା ସମ୍ପର୍କରେ ଚାରମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତଥା ପଞ୍ଜୀକରଣ ଅଧିକାରୀ ଡା. ବିକାଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଏ ଘଟଣା ବିଷୟରେ କିଛି ଜାଣି ନ ଥିବା କହିବା ସହ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିବେ ବୋଲି କହିଥିଲେ। ଏହାସହ ପୂର୍ବରୁ ସେ ସମ୍ପୃକ୍ତ କର୍ମଚାରୀଙ୍କୁ କାହା ପାଖରୁ ଟଙ୍କା ଦାବି ନ କରିବାକୁ କହିଥିବା ପ୍ରକାଶ କରିଥିଲେ। ସରକାର ଦୁର୍ନୀତି ରୋକିବାକୁ ଅନେକ ପଦକ୍ଷେପ ନେଉଥିବା କହୁଥିଲେ ହେଁ ସାଧାରଣ ଏକ ସାର୍ଟିଫିକେଟ ପାଇଁ ଜଣେ ଆଦିବାସୀ ଗରିବ ମହିଳାଙ୍କଠାରୁ ୫ ଶହ ଟଙ୍କା ଲାଞ୍ଚ ନିଆଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।


ଅଭିଯୋଗକାରୀ ମହିଳା ସାଇବାନି।

# କବି ବିନୋଦ ପଶାୟତ ସମ୍ବର୍ଦ୍ଧିତ

ସମ୍ବଲପୁର,୪।୯(ବ୍ୟୁରୋ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସାରଦା ପ୍ରସନ୍ନ ସମ୍ମାନପ୍ରାପ୍ତ କବି ଓ ଗୀତିକାର ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବଲପୁର ସେନପାର୍କସ୍ଥିତ ତାଙ୍କ ବାସଭବନରେ ପଶ୍ଚିମାଞ୍ଚଳ ଏକତାମଞ୍ଚର ସଦସ୍ୟମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଛି। ସଂଯୋଜକ ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, ଦେବାଶିଷ ବେହେରା, କାନ୍ତି ମେହେର, ପଙ୍କଜିନି ମେହେର, ଭବାନୀ ଶଙ୍କର ଭୋଇ,ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ। ବିନୋଦ ଆକାଶବାଣୀ ସମ୍ବଲପୁରର ଜଣେ ସ୍ୱୀକୃତିପ୍ରାପ୍ତ ଗିତିକାର। ସାହିତ୍ୟ, ନାଟକ ଓ ଗୀତିକାର ଭାବେ ବହୁ ଅନୁଷ୍ଠାନ ତାଙ୍କୁ ସମ୍ମାନିତ କରିଛନ୍ତି। ୨୦୦୮ରେ ସାରଳା ପୁରସ୍କାର, ୨୦୧୦ରେ ସାହିତ୍ୟ ଏକାଡେମୀ, ସାରସ୍ୱତ ସମ୍ମାନ, ଏସ୍‌ୟୁ ପକ୍ଷରୁ ପଶ୍ଚିମ ଓଡ଼ିଶା ସଂସ୍କୃତି ସମ୍ମାନ, ୨୦୧୫ରେ ସମ୍ବଲପୁରୀ ଜାତୀୟ ସମ୍ମାନ ପାଇଛନ୍ତି।

# ଏସ୍‌ୟୁ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ


ଲୋପାମୁଦ୍ରା ବେହେରା


ଅସିତ ପାତ୍ର


ଅଙ୍କିତା ନାୟକ

ସମ୍ବଲପୁର,୪।୯(ବ୍ୟୁରୋ)

## ଏମ୍ସ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଶେଷବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଜ୍ଞାନ ସମ୍ମାନରେ ସମ୍ବଲପୁର ପରଧିଆପାଲିସ୍ଥିତ ଏମ୍ସ କଲେଜ ଛାତ୍ରୀଛାତ୍ର ବାଜିମାତ କରିଛନ୍ତି। କଲେଜର ଦୁଇ ଜଣ ଛାତ୍ରୀ ଓ ଜଣେ ଛାତ୍ର ଶ୍ରେଷ୍ଠ ସ୍ଥାନରେ ରହି ସଫଳତା ହାସଲ କରିଛନ୍ତି। ଉଦ୍ଭିଦ ବିଜ୍ଞାନରେ ଲୋପାମୁଦ୍ରା ବେହେରା ୯.୫୨, ପଦାର୍ଥ ବିଜ୍ଞାନରେ ଅସିତ ପାତ୍ର ୯.୬୪ ଓ ପ୍ରାଣି ବିଜ୍ଞାନରେ ଅଙ୍କିତା ନାୟକ ୯.୬୯ ସିଜିପିଏ ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପଦାର୍ଥ ବିଜ୍ଞାନରେ ପ୍ରତିଭା ପାତ୍ର ୯.୨୬ ଓ ହରପ୍ରିୟା ବିଶ୍ୱାଳ ୯.୧୭, ଗଣିତରେ ଶ୍ରୀତମ ପାଣିଗ୍ରାହୀ ୯.୩୯, ସରିତା ମିଶ୍ର ୯.୩୨, ପ୍ରାଣି ବିଜ୍ଞାନରେ କେ ନାୟକ ୯.୨୧, ଉଦ୍ଭିଦ ବିଜ୍ଞାନରେ ସୋନାଲି ନାୟକ ୯.୨୯, ପ୍ରତିକ୍ଷା ବେହେରା ୯.୧୪, ଦୀପିକା ଭୋଇ ୯.୧୩, ରସାୟନ ବିଜ୍ଞାନରେ ଲିଙ୍କନ ପଟେଲ ୯.୪୭ ଓ ଲକି ସାହୁ ୯.୧୩ ସିଜିପିଏ ରଖି ସଫଳତା ହାସଲ କରିଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଶନିବାର ଏମ୍ସ କଲେଜ ସିଇଓ ଶ୍ରୀମନ୍ତ ପାତ୍ର ଶୁଭେଚ୍ଛା ଜଣାଇଛନ୍ତି।



ମାନବ ଶୃଙ୍ଖଳରେ ସାମିଲ ହୋଇଥିବା ମହିଳାପୁରୁଷ।

# ମାନବ ଶୃଙ୍ଖଳରେ ବିରୋଧ କଲେ ବିସ୍ଥାପିତ

ସମ୍ବଲପୁର,୪।୯(ବ୍ୟୁରୋ)

ସମ୍ବଲପୁର ସମଲେଇ ଯୋଜନା ଯୋଗୁ ବିସ୍ଥାପିତ ହେବାକୁ ଥିବା ଲୋକେ ବିଭିନ୍ନ ଢଙ୍ଗରେ ପ୍ରତିବାଦର ସ୍ୱର ଉଠାଉଛନ୍ତି। ଶନିବାର ଶତାଧିକ ମହିଳାପୁରୁଷ ଓ ସେମାନଙ୍କ ପିଲା ମାନବ ଶୃଙ୍ଖଳ କରି ପ୍ରତିବାଦ କରିଛନ୍ତି। କମଳିବଜାର ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରୁ ବାଲିବନ୍ଧା ସୋମନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ସେମାନେ ପ୍ଲାକାର୍ଡ ଧରି ଧାଡିରେ ଛିଡାହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ, ରାଜ୍ୟ ସରକାରଙ୍କ ସମଲେଇ ଯୋଜନାକୁ ସ୍ୱାଗତ କରୁଛୁ। ହେଲେ ଆବଶ୍ୟକଠାରୁ ଅଧିକ ପରିମାଣର ଜମି ଅଧିଗ୍ରହଣକୁ ବିରୋଧ କରାଯାଉଛି। ଏହା ଦ୍ୱାରା ଶହ ଶହ ବର୍ଷ ଧରି ରହିଆସୁଥିବା ପରିବାରକୁ ଘର ଛାଡିବାକୁ ପଡିବ। ମହାନଦୀ କୂଳରେ ଥିବା ଜମି ଅଧିଗ୍ରହଣ କରି ହୋଟେଲ ରିସୋର୍ଟ ତଥା ପର୍ଯ୍ୟଟକେ ଆମୋଦପ୍ରମୋଦ ପାଇଁ ଯୋଜନା କରାଯାଉଛି। ବାସ୍ତବରେ ସମଲେଇ ଯୋଜନାରେ କ’ଣ ରହିଛି, କେତେ ଜମି ଆବଶ୍ୟକ ସେ ନେଇ କୌଣସି ଲିଖିତ ଭାବେ ଜଣାଯାଇ ନାହିଁ। ହଠାତ୍ ଯୋଜନା ନାମରେ ଗରିବ ଲୋକଙ୍କୁ ବିସ୍ଥାପିତ କରି ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ। ଏବେ ପ୍ରଥମ ପର୍ଯ୍ୟାୟରେ ୩୯ ଏକର ଓ ଏହାକୁ ବୃଦ୍ଧି କରି ୧୦୭ ଏକର କରିବାକୁ ଯୋଜନା କରାଯାଉଛି। ଏଥିରେ ବଡବଜାର, କମିବଜାର, ଘୁନଘୁଟିପଡା, ରାଜଜିମନ୍ଦିରପଡା, ବାଲିବନ୍ଧାର ଶତାଧିକ ପରିବାର ବିସ୍ଥାପିତ ହେବେ।

# କ୍ଲାସ୍‌ରୁମ୍‌ରେ ବିଜୁ ଛାତ୍ର ଜନତା ଦଳର ସଭ୍ୟ

ସମ୍ବଲପୁର,୪।୯(ବ୍ୟୁରୋ)

## ସାମାଜିକ ଗଣମାଧ୍ୟମରେ ସମାଲୋଚନା

ସମ୍ବଲପୁର ଜିଲା ଯୁଯୁମୁରାସ୍ଥିତ ବୀର ସୁରେନ୍ଦ୍ର ସାଏ ଯୁକ୍ତ ୨ କଲେଜ କ୍ଲାସ୍‌ରୁମ୍‌ରେ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ପହଞ୍ଚିଥିଲେ। ସେମାନେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଥିବା ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ପରେ ଏହି ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। କ୍ଲାସ୍‌ରୁମ୍ ଭିତରକୁ ଯିବାକୁ କିଏ ଅନୁମତି ଦେଲା ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ କଲେଜ ଅଧକ୍ଷ ମନୋଜ ହୋତା କହିଛନ୍ତି, ସେ ଛୁଟିରେ ଅଛନ୍ତି। କେତେଜଣ ଯୁବକ କଲେଜକୁ ଯାଇ ମୋ ସହିତ ଫୋନରେ ଫି’ ବାବଦରେ ପଚରାଉଚୁରା କରିଥିଲେ। ପରେ କ୍ଲାସ୍‌ରୁମ୍‌କୁ ଯାଇଥିବା ସେ ଜାଣି ନାହାନ୍ତି। କ୍ଲାସ୍‌ରୁମ୍‌କୁ ଯିବା ନିୟମ ବାହାରେ। ବିନା ଅନୁମତିରେ ଯିବା ଗ୍ରହଣୀୟ ନୁହେଁ। ଯୁକ୍ତ ୨ କଲେଜରେ ୧୮ ବର୍ଷରୁ କମ୍ ଛାତ୍ରୀଛାତ୍ର ଅଛନ୍ତି। କେଉଁ କଲେଜ କର୍ତ୍ତୃପକ୍ଷ ଅବହେଳା କରିଛନ୍ତି ସେ ନେଇ ତଦନ୍ତ କରାଯିବ ବୋଲି କହିଥିଲେ। ଅନ୍ୟପଟେ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସିଦ୍ଧାନ୍ତ ମହାନ୍ତି କହିଛନ୍ତି, ଛାତ୍ରମାନଙ୍କ ସମସ୍ୟାର ସ୍ୱର ଉଠାଇବାକୁ ବିଜୁ ଛାତ୍ର ଜନତା ଦଳ କାମ କରିଥାଏ। ଫି’ ବାବଦରେ ଆଲୋଚନା କରିଥିଲେ। ଯଦି କ୍ଲାସ୍‌ରୁମ୍‌କୁ ଯାଇଥିବେ ତାହା ଭୁଲ ଅଟେ। ଆଗକୁ ଏ ନେଇ ଛାତ୍ର ଜନତା ଦଳ ଯତ୍ନବାନ୍ ହେବ ବୋଲି କହିଥିଲେ। ଘଟଣା କ୍ରମେ ଅପରାହ୍ନ ପ୍ରାୟ ସାଢେ ୧୨ ଟାରେ କଲେଜକୁ ୪ଜଣ ସଦସ୍ୟ ଯାଇଥିଲେ। ସେମାନେ ପ୍ରଥମେ କଲେଜର ଜଣେ ଅଧାପିକାଙ୍କ ସହ ଫି’ ବାବଦରେ ଆଲୋଚନା କରିଥିଲେ। ଅଧାପିକା ଜଣଙ୍କ କଲେଜ ଅଧକ୍ଷ ହୋତାଙ୍କ ସହ କଥା କରାଇଥିଲେ। ପରେ ସେମାନେ କ୍ଲାସ୍‌ରୁମ୍‌କୁ ଯାଇଥିଲେ। କ୍ଲାସ୍‌ରୁମ୍ ଭିତରେ ଓ କଲେଜ ଅଧାପିକାଙ୍କ ସହ କଥା ହେଉଥିବା ନେଇ ଫଟୋ ଫେସ୍‌ବୁକରେ ପୋଷ୍ଟ କରିଥିଲେ। ସେଥିରେ ଉଲ୍ଲେଖ ରହିଛି, କଲେଜ ସମସ୍ୟା ନେଇ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରାଗଲା। ଏହା ସହ ଜିଲା ଛାତ୍ର ସମ୍ପାଦକ ଚୁମନ ପ୍ରଧାନ ଓ ସୀତାରାମ ପ୍ରଧାନଙ୍କ ଉପସ୍ଥିତିରେ ୧୦୦ ଜଣ ଛାତ୍ରୀଛାତ୍ର ବିଜୁ ଛାତ୍ର ଜନତା ଦଳରେ ଯୋଗଦାନ କଲେ ବୋଲି ଉଲ୍ଲେଖ କରିଥିଲେ। ଖବର ପ୍ରଚାର ହେବା ପରେ ଜିଲାସ୍ତରୀୟ ନେତାଙ୍କ ପରାମର୍ଶ କ୍ରମେ ଉକ୍ତ ପୋଷ୍ଟକୁ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ସୁଶିଲ ପ୍ରଧାନ ହଟାଇ ଦେଇଥିଲେ।

# ପୌର ପରିଷଦ କାର୍ଯ୍ୟାଳୟ ଘେରିଲା ଭାଜପା

ଝାରସୁଗୁଡ଼ା ଅଫିସ,୪।୯


ଭାଜପା କର୍ମକର୍ତ୍ତା ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ଭୂମିହୀନଙ୍କୁ ଜମିପଟ୍ଟା, ପକ୍କାଘର ଯୋଗାଇବା ଦାବି

ଝାରସୁଗଡ଼ା ପୌର ପରିଷଦ ଅଞ୍ଚଳରେ ବସବାସ କରୁଥିବା ଭୂମିହୀନ ଲୋକଙ୍କୁ ଜମିପଟ୍ଟା ଓ ପକ୍କାଘର ଯୋଗାଇଦେବା ଦାବିରେ ଭାଜପା ତରଫରୁ ଶନିବାର ପୌର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ପୋଷ୍ଟର ବ୍ୟାନର ଧରି କାଳୀମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପୌର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନକରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଶତାଧିକ ଭୂମିହୀନ ଲୋକେ ଜମିପଟ୍ଟା ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ।

ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମାଝି କହିଥିଲେ, ୧ମାସ ମଧ୍ୟରେ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ଭାଜପା ରାଜ୍ୟ ସମ୍ପାଦକ ତ୍ରିପାଠୀ କହିଛନ୍ତି, ରାଜ୍ୟ ସରକାରଙ୍କ ଜାଗା ମିଶନ ଝାରସୁଗୁଡ଼ାରେ ବିଫଳ ହୋଇଛି। ଏଠାରେ ଭୂମିହୀନଙ୍କୁ ୨୦୨୦ରୁ ଭୂମିହୀନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଜମି ପ୍ରଦାନ କରାଯାଇନାହିଁ। ଫଳରେ ସେମାନେ ସରକାରଙ୍କ ଜାଗା ମିଶନ ଯୋଜନାରୁ ବଞ୍ଚିତ ରହିଛନ୍ତି। କେନ୍ଦ୍ର ସରକାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେଉଥିବାବେଳେ ଝାରସୁଗୁଡା ପୌର ପରିଷଦରେ ବସବାସ କରୁଥିବା ଲୋକଙ୍କର ନିଜସ୍ୱ ଜମି ନ ଥିବାରୁ ଘରଖଣ୍ଡେ ନିର୍ମାଣ କରିପାରୁନାହାନ୍ତି। ଭୂମିହୀନ ଲୋକେ ବାରମ୍ବାର ପୌର କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଲୋକେ ଝାଟିମାଟି ଓ ପଲିଥିନ୍ ଟାଣି ଜୀବନ ବିତାଉଛନ୍ତି। ପୌର ପରିଷଦ କର୍ତ୍ତୃପକ୍ଷ ଭୂମିହୀନଙ୍କୁ ଶୀଘ୍ର ଜମି ଯୋଗାଇଦେବା ସାଙ୍ଗକୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାପାଇଁ ସେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଳବିନ୍ଦର ସିଂହ, ପ୍ରେମସେନ୍ ରାଏ, ପୁରୁଷୋତ୍ତମ ଥିରାନୀ, ବିମଳେନ୍ଦୁ ଭୋଳ, ନେତାଜୀ ପଟ୍ଟନାୟକ, ମନୋଜ କଳାତା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ରକ୍ତଦାନ ଶିବିର, ୨୦ୟୁନିଟ୍ ରକ୍ତ ସଂଗ୍ରହ**

ବିନିକା,(ଡି.ଏନ୍.ଏ): ବିନିକା ବ୍ଲକ ନକଟାମୁଣ୍ଡା ଗ୍ରାମ କଲ୍ୟାଣ ମଣ୍ଡପ ପରିସରରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ସମ୍ମାନୀତ ଅତିଥି ଜୁଲୁଣ୍ଡା ପଞ୍ଚାୟତର ସମିତି ସଭ୍ୟ ରମେଶ ସାହୁ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ନକଟାମୁଣ୍ଡା ଗାଁ ରକ୍ତଦାତା ମାନଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ନକଟାମୁଣ୍ଡା ଗାଁ ଯୁବକ ସଂଘ ସଭାପତି ଦେବେନ୍ଦ୍ର ମେହେର ଅଧକ୍ଷତା କରିଥିଲେ।

# କାମରେ ଆସୁନି ଅଙ୍ଗନଦୀ ମେଗାଲିଫ୍ଟ

ବଲାଙ୍ଗୀର ଅଫିସ, ୪।୯


ଚାଷୀମାନେ ଅଙ୍ଗନଦୀରେ ବାଲିବସ୍ତା ପକାଇ ପାଣି ଅଟକାଇବାକୁ ଚେଷ୍ଟା କରୁଛନ୍ତି।

ବର୍ଷାଭାବରୁ ବଲାଙ୍ଗୀର ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଆଗଲପୁର ବ୍ଲକ୍‌ରେ ପାଣି ଅଭାବରୁ ଶତାଧିକ ଏକର ଫସଲ ନଷ୍ଟ ହୋଇଗଲାଣି। ଅଙ୍ଗନଦୀରେ ଲାଗିଥିବା ପ୍ରାୟ ୪୫ କୋଟି ଟଙ୍କାର ମେଗାଲିଫ୍ଟ ପ୍ରକଳ୍ପ କାମରେ ଆସୁନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ଭୁଲ ଯୋଗୁଁ ଏହି ପ୍ରକଳ୍ପ ଚାଷୀଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ ବଞ୍ଚାଇବା ପାଇଁ ଚାଷୀମାନେ ଏବେ ଅଡୁଆରେ ପଡିଛନ୍ତି। ଅଙ୍ଗନଦୀରେ ପାଣି ବୋହି ଯାଉଥିଲେ ମଧ୍ୟ ଏହା ଚାଷୀଙ୍କ କାମରେ ଆସିପାରୁନାହିଁ। ଶନିବାର ଆଗଲପୁର ଅଞ୍ଚଳର ବହୁ ଚାଷୀ ନିଜସ୍ୱ ଉଦ୍ୟମରେ ଅଙ୍ଗନଦୀ ଶଯ୍ୟାରେ ବାଲିବସ୍ତା ପକାଇ ପାଣି ଅଟକାଇବାକୁ ଉଦ୍ୟମ କରିଛନ୍ତି। ଏଠାରେ ପାଣି ଅଟକିଲେ ଏହାକୁ ଚାଷ କାର୍ଯ୍ୟରେ ବ୍ୟବହାର କରିବେ। ନଚେତ୍ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ସେମାନେ କହିଛନ୍ତି। ଆଗଲପୁର ନାଗରିକ

**ବାଲିବସ୍ତା ପକାଇ ପାଣି ଅଟକାଇଲେ ଚାଷୀ**

କମିଟି ସମ୍ପାଦକ ରାଧାକାନ୍ତ ନାୟକ କହିଛନ୍ତି ଯେ, ଆଗଲପୁର ଅଙ୍ଗନଦୀରେ ଯେଉଁ ସ୍ଥାନରେ ମେଗାଲିଫ୍ଟ ପ୍ରକଳ୍ପ ବସାଗଲା ତାହାକୁ ଚାଷୀମାନେ ବିରୋଧ କରିଥିଲେ। ସେଠାରୁ ପାଣି ଆସିବ ନାହିଁ ବୋଲି କହିଥିଲେ। ନିର୍ମାଣାଧିନ ସଂସ୍ଥା କାହାରି କଥା ଶୁଣିଲାନାହିଁ। ଏବେ ଚାଷୀଙ୍କ ଆଶଙ୍କା ସତ ହୋଇଛି। ଏନେଇ ବାରମ୍ବାର ଅଧିକାରୀଙ୍କୁ ଜଣାଇଲେ ବି କେହି ଶୁଣୁନାହାନ୍ତି। ଚାଷୀଙ୍କ ଫସଲ ନଷ୍ଟ ହୋଇଗଲାଣି। ଏବେ ଚାଷୀମାନେ ବାଧହୋଇ ନଦୀରେ ବାଲିବସ୍ତା ପକାଇ ପାଣି ଅଟକାଇବାକୁ ଚେଷ୍ଟା କରୁଛନ୍ତି। ପ୍ରଶାସନ ଏଦିଗରେ ତୁରନ୍ତ ବିହିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଅଚଳ ମେଗାଲିଫ୍ଟ ସଂକ୍ରାନ୍ତରେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ମଧ୍ୟ ବିଧାନସଭାରେ ପ୍ରଶ୍ନ କରିଥିବା ଜଣାପଡିଛି।

# ଶ୍ରୀୟା ଭୋଇ ଇତିହାସ ଟପ୍ପର

ପାଇକମାଲ, ୪।୯(ଡି.ଏନ.ଏ)


ଶ୍ରୀୟା ଭୋଇ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶେଷ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜର ଶେଷବର୍ଷ ଛାତ୍ରୀ ଶ୍ରୀୟା ଭୋଇ ଇତିହାସ ବିଭାଗରେ ୮୦.୬୪ ଶତକଡା ମାର୍କ ରଖି ଶୀର୍ଷସ୍ଥାନ ଅଧିକାର କରି ଅଞ୍ଚଳ ତଥା କଲେଜ ପାଇଁ ଗୌରବ ଆଣିଛନ୍ତି। ଶ୍ରୀୟା ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲି ଗ୍ରାମର ଯୋଗେନ୍ଦ୍ର ଭୋଇ ଓ ଅର୍ଯଶୀଳା ଭୋଇଙ୍କ ଝିଅ । ଏହି କୃତିତ୍ୱ ପାଇଁ ସେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି ଏବଂ ଭବିଷ୍ୟତରେ ଇତିହାସର ବିଭିନ୍ନ ତଥ୍ୟ ଉନ୍ମୋଚନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ମାଣ୍ଡୋସିଲ ଡିଗ୍ରୀ କଲେଜ ଗର୍ବ କରୁଛି ବୋଲି ଅଧକ୍ଷ ବିନୟ ରଞ୍ଜନ ପଣ୍ଡା କହିଛନ୍ତି।

# ଗାଁ ସାଥୀଙ୍କ ଗଣଧାରଣା


ଗାଁ ସାଥୀ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ସୋନପୁର,୪।୯(ନି.ପ୍ର.)

ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନଆରଇଜିଏସ୍)ରେ କାର୍ଯ୍ୟରତ ଗାଁ ସାଥୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଗଣଧାରଣା ଦିଆଯାଇଥିଲା। ଜିଲା ସଭାପତି ସଞ୍ଜିତ କୁମାର ଝାଙ୍କରଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲାରେ କାର୍ଯ୍ୟରତ ଶତାଧିକ ଗାଁ ସାଥୀ ଯୋଗ ଦେଇଥିଲେ। ଗାଁ ସାଥୀଙ୍କୁ ମାସିକ ସର୍ବ ନିମ୍ନ ୧୦ଦିନର କାର୍ଯ୍ୟ ନିଶ୍ଚିତ କରିବା, ୨୦ ହଜାର ଟଙ୍କା ଲେଖାଏ କୋଭିଡ୍ ସହାୟତା ରାଶି ପ୍ରଦାନ, ରାଜ୍ୟରେ ଜବ୍‌କାର୍ଡଧାରୀଙ୍କୁ ମାସିକ ସର୍ବନିମ୍ନ ୨୦୦ ଦିନର କାମ ଓ ଦୈନିକ ମଜୁରୀ ୩୦୦ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରା ଯାଇଥିଲା। ସେହିପରି ୨୦୧୯ ସାଧାରଣ ନିର୍ବାଚନ ପରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଗାଁ ସାଥୀଙ୍କ କାର୍ଯ୍ୟକୁ ଏସଏଚଜି ସଭ୍ୟମାନଙ୍କୁ ପ୍ରଦାନ କରିବା ଘଟଣାକୁ ସଂଘ ବିରୋଧ କରିଛି। ଏ ସମ୍ପର୍କରେ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୭ ତାରିଖରେ ସଂଘ ବିଧାନସଭା ଘେରାଉ କରିବ ବୋଲି ଚେତାବନୀ ଦେଇଛି। ରତ୍ନାକର ପାତ୍ର, ଉମେଶ ସାହୁ, ସୁରେଶ କୁମାର ମିଶ୍ର ଓ ବାଲ୍ମିକୀ ସେଠୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ସଂକ୍ଷେପରେ

### ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

ଅତାବିରା,୪।୯(ଡି.ଏନ.ଏ): ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତାର ଦେଶପଥର୍ଲା ନିକଟରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଟ୍ରାକ୍ଟର ଡ୍ରାଇଭର ଧର୍ମେନ୍ଦ୍ର ମେଣ୍ଡଲିଙ୍କ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର୍‌ରୁ ମୃତ୍ୟୁ ହୋଇଛି। ମୃତକ ଅତାବିରା ଥାନା ଗୁର୍ଖାପାଲି ଗ୍ରାମର ଏବଂ ସେ ଅଧିକାଂଶ ଦିନ ଗ୍ରାମ ବାହାରେ ରହୁଥିବା ଗ୍ରାମବାସୀ କହିଛନ୍ତି। ତାଙ୍କୁ ଯେଉଁଠାରୁ ଉଦ୍ଧାର କରାଯାଇଥିଲା, ସେଠାରୁ ଏକ ବାଇକ୍ (ନଂ.ଓଡ଼ି୧୫ଏ ୬୨୨୫)କୁ ପୋଲିସ ଜବତ କରିଛି। ଫଳରେ ସଡ଼କ ଦୁର୍ଘଟଣା ନା ମୃତ୍ୟୁପଛରେ ଅନ୍ୟ କିଛି କାରଣ ରହିଛି, ତାହା ରହସ୍ୟାବୃତ୍ତ ହୋଇ ରହିଛି। ବୁର୍ଲା ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ବିଦେଶୀ ସାହୁ କହିଛନ୍ତି।

### କୋରେକ୍ସ ଜବତ, ଜଣେ ଗିରଫ

ଖପ୍ରାଖୋଲ,୪।୯(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପାଚେର ଗାଁରେ ପାଟ୍ରୋଲିଂ ପୋଲିସ ଚଢ଼ାଉ କରି ଗାଁର ରାଜେନ୍ଦ୍ର ଭୋଇ (୨୨) ନାମକ ଯୁବକଙ୍କୁ ଗିରଫ କରିଛି। ଗିରଫ ରାଜେନ୍ଦ୍ର ପୂର୍ବରୁ ବେଆଇନ କୋରେକ୍ସ ଓ ନିଶା ବଟିକା ବିକ୍ରି କରୁଥିବା ସୂଚନା ଥିଲା। ଶୁକ୍ରବାର ସନ୍ଧ୍ୟାରେ ଚଢ଼ାଉ ବେଳେ ତାଙ୍କଠାରୁ ୯ ବୋତଲ କୋରେକ୍ସ ଏବଂ ୧୬ଟି ନିଶା ଟାଲେଟ ଜବତ କରାଯାଇଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ବିଶ୍ୱକର୍ମା ପୂଜା ପାଇଁ ଶୁଭ ଖମ୍ବ ସ୍ଥାପନ

ବାଉଁଶୁଣୀ,୪।୯(ଡି.ଏନ୍.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ଡ୍ରାଇଭର ମହାସଂଘ ତରଫରୁ ଶନିବାର ନିଜସ୍ୱ ଷ୍ଟାଣ୍ଡଠାରେ ୨୬ ତମ ବିଶକର୍ମା ପୂଜାର ଶୁଭ ଖମ୍ବ ସ୍ଥାପନ ହୋଇଯାଇଛି । ପୂଜକ ଭାବରେ ସୁରେନ୍ଦ୍ର ଚାନ୍ଦ ଥିବା ବେଳେ କର୍ତ୍ତା ଭାବେ ଆନନ୍ଦ ଖଟୁଆ ପୂଜା କାର୍ଯ୍ୟ ତୁଲାଇଥିଲେ । ଓଡ଼ିଶା ଡ୍ରାଇଭର ମହାସଂଘ ବୌଦ୍ଧ ବ୍ଲକର ସଭାପତି ପଦ୍ମଲୋଚନ ମହଲାଙ୍କ ସମେତ ଶଶିଭୂଷଣ ମହାକୁଳ, ତପନ ମେହେର, ଚିନୁ ମେହେର, ଘାସିରାମ ବିଶି, ପୂର୍ଣ୍ଣ ମହଲା, ରଞ୍ଜନ ଭୁକ୍ତା,ସଚିନ ମୁଦୁଲି, ଦାମୋଦର ତରିଆ, ରିଲୁ ସେଠୀ, ପ୍ରଶାନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଶୁଭଖୁମ୍ବ ସ୍ଥାପନ ପରେ ସଂଘର ସଭାପତି ଆନନ୍ଦ ଖଟୁଆଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କୋଭିଡ ଗାଇଡ ଲାଇନ ଅନୁସାରେ କିପରି ବିଶକର୍ମା ପୂଜା କରାଯିବ ସେ ନେଇ ଆଲୋଚନା ହୋଇଥିଲା ।

### ଜନ୍ମଦିନରେ ରକ୍ତଦାନ କଲେ ସେନା କର୍ମଚାରୀ

ଦେଓଗାଁ,୪।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାଏପାଲିର ଜନୈକ ସିଆରପିଏଫ ଜବାନ ତାଙ୍କ ଜନ୍ମଦିନରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଜନୈକା ଥାଲାସେମିଆ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି । ରାଏପାଲିର ମଣ୍ଟୁ କରନ ନାମକ ସେନା କର୍ମଚାରୀ ତାଙ୍କ ଜନ୍ମ ଦିନ ଅବସରରେ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲ ଗ୍ରାମର ଶୁଭାସିନି ସିଂ ନାମକ ମହିଳାଙ୍କୁ ରକ୍ତଦାନ କରିଛନ୍ତି।

### ଜିଲାପାଳଙ୍କୁ କିଷାନ ସଂଘର ଦାବିପତ୍ର

ଗୋଲାମୁଣ୍ଡା,୪।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲର ମାନଝରୀ, ଗୋଲାମୁଣ୍ଡା, ଧାମନପୁର, ବୃନ୍ଦାବାହାଲ, ଚିଲଗାଁ ଓ ଡୁକରିପଡା ଗ୍ରାମର ଜମିଗୁଡିକ ଦୀର୍ଘ ୭୦ ବର୍ଷ ହେଲା ଭୂ-ବନ୍ଦୋବସ୍ତ ହୋଇ ପାରିନାହିଁ। ଫଳରେ ଏହି ଗ୍ରାମଗୁଡିକର ଜନସାଧାରଣ ଓ ଚାଷୀ ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇ ପାରୁନାହାନ୍ତି। ଅନ୍ୟପକ୍ଷରେ ସ୍ଥାୟୀ ପଟ୍ଟା ନ ଥିବାରୁ ଶସ୍ୟ ବୀମା କରି ପାରୁନାହାନ୍ତି। ବର୍ତ୍ତମାନ ଏହି ଗ୍ରାମଗୁଡିକର ରେକର୍ଡ ୧୯୫୫-୫୬ ମସିହାର ରହିଥିବାରୁ ପାରିବାରିକ ଗଣ୍ଡଗୋଳ ମଧ ହେଉଛି । ତେଣୁ ଏହିସବୁ ଗ୍ରାମକୁ ଭୂ- ବନ୍ଦୋବସ୍ତ କରି ତୁରନ୍ତ ପଟ୍ଟା ପ୍ରଦାନ ଲାଗି ଦାବି କରାଯାଇଛି । ଶନିବାର ଗୋଲାମୁଣ୍ଡା କିଷାନ ସଂଘର ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ଦାବିପତ୍ର ଗୋଲାମୁଣ୍ଡା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୁବାଷ ରାଉତ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ତୁଲେଶ୍ୱର ନାଏକ, ମିଳନ କୁମାର ମୁଣ୍ଡ, ଡମ୍ବରୁଧର ନାଏକ, ରୁମାଞ୍ଚଳ ସାହୁ,ଗଙ୍ଗାଧର ମୁଣ୍ଡ, ପୀତାମ୍ବର ଖର୍ସେଲ ଓ ଟଙ୍କଧର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# କିଷାନ୍ ରଥ ଆପ୍‌ର ଶୁଭାରମ୍ଭ

ସୋନପୁର,୪।୯(ନି.ପ୍ର.)


ଜିଲାପାଳ ସବୁଜ ପତାକା ଦେଖାଇ କିଷାନ ରଥର ଶୁଭାରମ୍ଭ କରୁଛନ୍ତି।

ଅଣ ଧାନ ଫସଲ ବିକ୍ରି ବଟାର ସୁବିଧା ପାଇଁ ସୁବର୍ଣ୍ଣପୁର ଜିଲାରେ କିଷାନ୍ ରଥ ଆପ୍‌ର ଶନିବାର ଶୁଭାରମ୍ଭ ହୋଇଛି। ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥି ଭାବେ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ଡୁଙ୍ଗୁରିପାଲି ଆରଏମ୍‌ସି ଅଧୀନ ସୋନପୁର, ଡୁଙ୍ଗୁରିପାଲି, ବିନିକା ଓ ତରଭା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇ ଚାଷୀଙ୍କୁ ସଚେତନ କରିବା ସହ ମାଗଣା ପଞ୍ଜୀକରଣ ପାଇଁ ପ୍ରବର୍ତ୍ତାଇବ। ଦେଶରେ କୃଷିଜାତ ଦ୍ରବ୍ୟର ପରିବହନ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଭାରତ ସରକାର କିଷାନ ରଥ ମୋବାଇଲ ଆପ୍ଲିକେସନର ଆରମ୍ଭ କରିଛନ୍ତି। ଏହା ଏକ ସର୍ବଭାରତୀୟ କୃଷିଜାତ ଦ୍ରବ୍ୟ ପରିବହନ ଆପ୍। ଯାହା କୃଷିଜାତ ଦ୍ରବ୍ୟର ପରିବହନ ପାଇଁ ଜାତୀୟ ସ୍ତରରେ ମଣ୍ଡିମାନଙ୍କ ସହ ଉପଭୋକ୍ତା(ଚାଷୀ, ବ୍ୟବସାୟୀ ଓ ସେବାପ୍ରଦାନକାରୀ) ମାନଙ୍କୁ ଏକତ୍ର କରି, ଏହି ଆପ୍‌ରେ ଏକ ଜାତୀୟ ପରିବହନ ମାଧ୍ୟମ ସୃଷ୍ଟି କରିବ। ଏହି ମୋବାଇଲ୍ ଆପ୍ ବର୍ତ୍ତମାନ ଆଣ୍ଡଏଡ ସଂସ୍କରଣରେ ୧୧ଟି ଭାଷାରେ ଉପଲବ୍ଧ ଏବଂ ପାନ୍ ଇଣ୍ଡିଆ ବ୍ୟବହାର ପାଇଁ ପ୍ରସ୍ତୁତ ଥିବା ଜଣାପଡିଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ହୃଷିକେଶ ଦାଶ, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ନାୟକ ଓ ଓଡିଶା ଜୀବିକା ମିଶନର ଯୁବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବାଣିଜ୍ୟ ପରୀକ୍ଷାରେ ସିଏନ୍‌ସି କଲେଜର ସଫଳତା

ବଲାଙ୍ଗୀର ଅଫିସ, ୪।୯


ରିୟା ଅଗ୍ରୱାଲ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ବଲାଙ୍ଗୀର ସିଏନ୍‌ସି କଲେଜ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଶତପ୍ରତିଶତ ସଫଳତା ଲାଭ କରିଛନ୍ତି। ପରୀକ୍ଷା ଦେଇଥିବା ସମସ୍ତ ୨୦ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏହି ୨୦ ଜଣଙ୍କ ମଧ୍ୟରୁ ୫ ଜଣ ବାଣିଜ୍ୟ ସମ୍ମାନରେ ପ୍ରଥମ ଶ୍ରେଣୀ (ଡିଷ୍ଟିଙ୍କସନ୍)ରେ ପାଶ୍ କରିଛନ୍ତି। ସେଥିରୁ ୧୨ ଜଣ ପ୍ରଥମଶ୍ରେଣୀ ସମ୍ମାନ ଏବଂ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏହି କଲେଜ ଛାତ୍ରୀ ରିୟା ଅଗ୍ରୱାଲ ୮୫ ପ୍ରତିଶ୍ରତ ମାର୍କ ରଖି ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୬ ନମ୍ବର ଛାତ୍ରୀ ଭାବେ ପାଶ୍ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଏହା ସହିତ ସେ ସିଏମ୍ଏ ଇଣ୍ଟରମେଡିଏଟ୍ ପରୀକ୍ଷାରେ ମଧ ସଫଳତା ଲାଭ କରିଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

# ଓଏସ୍‌ଏସ୍‌ସି ମହାଦୁର୍ନୀତି: ଛାତ୍ର କଂଗ୍ରେସର ଦସ୍ତଖତ ଅଭିଯାନ

ବଲାଙ୍ଗୀର ଅଫିସ, ୪।୯



ବଲାଙ୍ଗୀର ଛାତ୍ର କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଉଛି।

ଓଡିଶା ଷ୍ଟାଫ ସିଲେକ୍ସନ୍ କମିଶନରେ ଚାକିରି ଦୁର୍ନୀତି ପ୍ରତିବାଦରେ ଶନିବାର ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଜନମତ ସଂଗ୍ରହ ସହ ଦସ୍ତଖତ ଅଭିଯାନ କରାଯାଇଥିଲା। ଜିଲା ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱ ତଥା ରାଜ୍ୟ ସମ୍ପାଦକ ଅଜିତ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଜନସାଧାରଣ ଓ ଛାତ୍ରୀଛାତ୍ର ମତ ଓ ଦସ୍ତଖତ ସଂଗ୍ରହ କରିଛନ୍ତି । ଆସନ୍ତା ୭ ତାରିଖ ସୁଦ୍ଧା ସରକାର ଉକ୍ତ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଛାତ୍ର କଂଗ୍ରେସ ବିଧାନସଭା ଘେରାଉ କରିବାକୁ ବାଧ୍ୟ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଜିତ କୁମ୍ଭାର, ଟୁଲୁ ସେନ, ଅମିୟ ବଗର୍ତ୍ତୀ, ଓମ୍ ରାଉତ, ଶୁଭେନ୍ଦୁ ସାହୁ, ସରୋଜ ସାହୁ, କିଶନ ମୁଗ୍ରୀ, ବନମାଳୀ ସାହୁ, ସନତ ପ୍ରଧାନ, ରାହୁଲ ନାଏକ, ଅଜୟ ନାଗ ଓ କ୍ରିଷ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କମ୍ୟୁନିଟି ସେଣ୍ଟରରୁ ଯୁବକଙ୍କ ମୃତଦେହ ଜବତ

ତରଭା, ୪।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଗର୍ଜା ଗ୍ରାମରେ ଥିବା କମ୍ୟୁନିଟି ସେଣ୍ଟରରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଶନିବାର ଜବତ କରିଛି। ମୃତକ ହେଲେ ମରାଡୁଗୋଛା ପଞ୍ଚାୟତ ଅନ୍ତର୍ଗତ ଗୁଞ୍ଜିମୁଣ୍ଡା ଗ୍ରାମର ଟେକାରାମ ଦଳବେହେରା(୨୪)। ତଦନ୍ତକାରୀ ଅଧିକାରୀ ଏସ.ଆଇ ଯଯାତିକେଶରୀ ସାହୁଙ୍କ ସୂଚନା ଅନୁଯାୟୀ ଟେକାରାମ କୌଣସି କାରଣରୁ ଘରୁ ପଳାଇ ଆସି ଶୁକ୍ରବାର ରାତିରେ ଗର୍ଜା କମ୍ୟୁନିଟି ଗୃହରେ ଥିଲେ। ସକାଳେ ତାଙ୍କ ମୃତଦେହ ଝରକାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ଥାନାଧିକାରୀ ନିରଞ୍ଜନ ଦାସ କହିଛନ୍ତି। ଏକ ଅପମୃତ୍ୟୁ ମାମଲା(ନଂ .୧୩/୨୧)ରୁଜୁ ହୋଇଛି।

# ମରୁଡ଼ି ଅଞ୍ଚଳ ପରିଦର୍ଶନ କଲା ଭାଜପା ଟିମ୍


ମରୁଡି ଅଞ୍ଚଳ ପରିଦର୍ଶନ କରୁଛନ୍ତି ଭାଜପା ଟିମ୍।

ଜୁନାଗଡ,୯।୪(ଡି.ଏନ୍.ଏ)

ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଭାଜପାର ଏକ ଟିମ୍ ଜୁନାଗଡ ବ୍ଲକ ନାନ୍ଦୋଲ ଜୋନ୍‌ର ଦେଦର, ଦୁନ୍ଦେଲମାଲ ଓ ବାଙ୍କପଲାସ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସେଠାକାର ମରୁଡି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ସେମାନେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆଶ୍ୱସନା ଦେବା ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତଶ୍ରୁତି ଦେଇଥିଲେ। ଜୁନାଗଡ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପାର୍ଥୀ ମନୋଜ ମେହେରଙ୍କ ନେତୃତ୍ୱରେ ଏହି ଗସ୍ତରେ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟ ନାରାୟଣ ପଣ୍ଡା, ଜୁନାଗଡ ବ୍ଲକ ଅଧକ୍ଷ ସୂର୍ଯ୍ୟ ମାଝୀ, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ଜିଲା ପରିଷଦ ସଭ୍ୟ କାଞ୍ଚନ ବାଗ, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ଜିଲା ଯୁବ ମିଡିଆ ସେଲ ସଂଯୋଜକ ରାମକୃଷ୍ଣ ମେହେର, ବରିଷ୍ଠ ନେତା ଲକ୍ଷ୍ମୀ ନାରାୟଣ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ମୃତଚାଷୀଙ୍କ ପରିବାରକୁ ଭେଟିଲେ ଭାଜପା ପ୍ରତିନିଧି ଦଳ

କଣ୍ଟାବାଞ୍ଜି, ୪।୯(ଡି.ଏନ.ଏ.)

ଫସଲ ହାନୀ ଓ ଋଣ ପରିଶୋଧ ଚିନ୍ତାରେ ତୁରେକେଲା ଥାନା କାଦୋବେଡା ଗ୍ରାମର ରିଚେକ ବନ୍‌ଛୋର (୬୦) କୀଟନାଶକ ପିଇ ଜୀବନ ହାରିଥିଲେ। ଶନିବାର ଜିଲା ଭାଜପାର ଏକ ପ୍ରତିନିଧି ଦଳ କାଦୋବେଡାରେ ପହଞ୍ଚି ମୃତ ଚାଷୀଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ଥିତି ପରିଖିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଲକ୍ଷ୍ମଣ ବାଗ, ତୁରେକେଲା ବ୍ଲକ ଭାଜପା ସଭାପତି ହରିଶ୍ଚନ୍ଦ୍ର ସାହୁ, ଆନନ୍ଦ ସାହୁ, ଅକ୍ଷୟ ମେହେର, ଜିଲା ପରିଷଦ ସଭ୍ୟ ପ୍ରସୂଧନ ମାଝି ସାମିଲ ଥିଲେ । ଭୟଙ୍କର ମରୁଡି ସ୍ଥିତିକୁ ଦେଖି କାଳବିଳମ୍ବ ନ କରି ସରକାର ତୁରେକେଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବାକୁ ଦଳ ଦାବି କରିଛି।


କାଦୋବେଡା ଗାଁରେ ଭାଜପା ପ୍ରତିନିଧି ଦଳ।

# ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚର ଗଣଧାରଣା

ସୋନପୁର,୪।୯(ନି.ପ୍ର.)



ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି ।

ସ୍ୱଳ୍ପ ବୃଷ୍ଟି ଯୋଗୁଁ ସୁବର୍ଣ୍ଣପୁର ଜିଲାର ଅଣଜଳସେଚିତ ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଅଗଷ୍ଟ ମାସରେ ଜିଲାରେ ହାରାହାରି ୪୦୮ ମିଲିମିଟର ବର୍ଷା ହୋଇଥାଏ। ଚଳିତ ଥର ମାତ୍ର ୧୪୯ ମିଲିମିଟର ବର୍ଷା ହୋଇଛି। ୭ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଚାଷକାର୍ଯ୍ୟ ଅଧାରେ ପଡିଛି। ଜଳାଶୟଗୁଡିକ ଶୁଖିଲା ପଡିଛି। ତେଣୁ ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ସୁବର୍ଣ୍ଣପୁର ବସ୍ତିବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସମସ୍ତ ଜମିକୁ ଜଳସେଚନ କରିବା, ସୁବର୍ଣ୍ଣପୁର ଜିଲାକୁ ମରୁଡି ଘୋଷଣା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଫି ଛାଡ କରିବା,

**ମରୁଡିର ସ୍ଥାୟୀ ପ୍ରତିକାର ଦାବି**

ଚାଷୀଙ୍କ ବିଦ୍ୟୁତ୍ ବିଲ୍ ଛାଡ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ନିୟନ୍ତ୍ରଣ ଓ ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପ୍ରତି ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମଞ୍ଚ ସଭାନେତ୍ରୀ ଜ୍ୟୋତିର୍ମୟୀ ରଥ, ସମ୍ପାଦକ ନୂର ବିବି, ମୁଖି ମୁଣ୍ଡା, କୁନି ମୁଣ୍ଡା, ଦମୟନ୍ତୀ ମୁଣ୍ଡା, ରମେଶ ମୁଣ୍ଡା ଓ ଚନ୍ଦ୍ରମା ଜଗଦଲା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ମରୁଡ଼ି ପରିସ୍ଥିତିକୁ ନେଇ ଉଦ୍‌ବେଗ**

ଲୋଇସିଂହା,(ଡି.ଏନ.ଏ): ବର୍ଷାଭାବରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଛି। ଏ ନେଇ ଉଦ୍‌ବେଗ ପ୍ରକାଶ କରିଛି ବ୍ଲକ କଂଗ୍ରେସ। ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବିରେ ଆସନ୍ତା ୮ ତାରିଖ ତହସିଲ ଅଫିସ ଘେରାଉ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବ୍ଲକ ସଭାପତି ଅରବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଦିଲାପ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ନବ କିଶୋର ନାଏକ, ବିଶ୍ୱନାଥ ଭୂୟାଁ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଓ ପଞ୍ଚାୟତସ୍ତରରେ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ସଂକ୍ଷେପରେ**

### ମରଡ଼ି ଅଞ୍ଚଳ ପରିଦର୍ଶନ କଲେ ଭାଜପା ପ୍ରତିନିଧି ଦଳ

ମୁରିବାହାଲ,୪।୯(ଡ଼ି.ଏନ.ଏ.): ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ମରୁଡି ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରିଥିଲେ। ପରିଦର୍ଶନ ପରେ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ସତ୍ୟବାଦୀର ପୂର୍ବତନ ବିଧାୟକ ରାମରଞ୍ଜନ ବଳିଆରସିଂ, ଭାଜପା ନେତା ବିରଞ୍ଚି ନାରାୟଣ ତ୍ରିପାଠୀ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷଣ ବାଗ, ମାଧବ ସାଏ ପ୍ରମୁଖ ସାମିଲ ହୋଇଥିଲେ। ପ୍ରତିନିଧି ଦଳ ପ୍ରଥମେ ବନ୍ଧୁପଲା,ଗୁଡିଘାଟ, ମୁରିବାହାଲ ଓ ଲଖାନା ପଞ୍ଚାୟତର ବିଭିନ୍ନ ଚାଷଜମି ପରିଦର୍ଶନ କରିଥିଲେ। ଚଳିତ ବର୍ଷ ବର୍ଷାଭାବରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଜମିଗୁଡିକ ଟାଙ୍ଗର ଭୂମି ପାଲଟିଥିବା ପ୍ରତିନିଧି ଦଳ ଦେଖିଥିଲେ। ଏହି ବିଷୟ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ପ୍ରତିନିଧି ଦଳ। ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରାଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ମହାଦେବା ଟାହାଣୀ, ସାଧାରଣ ସମ୍ପାଦକ ନାରାୟଣ ସାହୁ, ରାମୁ କୁମ୍ଭାର ପ୍ରମୁଖ ପ୍ରତିନିଧି ଦଳକୁ ସହଯୋଗ କରିଥିଲେ।

### ଜଳଛତ୍ରରେ କାମ କରିଥିଲେ, ମିଳିନି ପ୍ରାପ୍ୟ

ଲାଠୋର,୪।୯(ଡି ଏନ ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗତ ଖରା ଦିନରେ ଖୋଲିଥିଲା ଜଳଛତ୍ର। ସେଠାରେ କାମ କରିଥିବା ପାଞ୍ଚଜଣ ବୃଦ୍ଧାବୃଦ୍ଧଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରାଯାଇନାହିଁ। ମସିଣା ଗ୍ରାମରେ ମାଲତି ନାଗ, ଝଲିଆଲିଟି ଗ୍ରାମର କିଆ ଚିରାଙ୍ଗୁନ, କରୁଆଝର ଗ୍ରାମର ଶ୍ରାବଣୀ ବାଗ, ଚାଉଲଡିଆ ଗ୍ରାମର ସୁଦର୍ଶନ ନାଏକ ଏବଂ ସାନଗୁର୍ଜିଭଟା ଗ୍ରାମରେ ଉଜଳି ଛତ୍ରିଆ ପଞ୍ଚାୟତ ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ରରେ ମାସକୁ ୫ହଜାର ଟଙ୍କା ପାରିଶ୍ରମିକରେ ୩ ମାସ କାମ କରିଥିଲେ। ହେଲେ ଆଜିଯାଏ ସେମାନଙ୍କୁ ତାଙ୍କର ପାରିଶ୍ରମିକ ବାବଦକୁ ୧୫ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇ ନାହିଁ। ପଞ୍ଚାୟତକୁ ଦୌଡି ପାରିଶ୍ରମିକ ପ୍ରଦାନ ପାଇଁ ଅନୁରୋଧ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ଆମେ ସମସ୍ତ କାଗଜ ପତ୍ର ପ୍ରସ୍ତୁତ କରି ଦେଇଛୁ। ନବାନ୍ନ ପୂର୍ବରୁ ସେମାନେ ପାରିଶ୍ରମିକ ପାଇବେ ବୋଲି କହିଥିଲେ।

### ମୁରିବାହାଲ ସିଏଚ୍‌ସିକୁ ମିଳିଲା ୨ ଅମ୍ଳଜାନ ସାନ୍ଦ୍ରକ

ମୁରିବାହାଲ,୪।୯(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ମିଳିଛି ୨ଅମ୍ଳଜାନ ସାନ୍ଦ୍ରକ ମେଶିନ। କ୍ରିପଟୋ ରିଲିଫ ୟୁନାଇଟେଡ ଓ ପଲ୍ଲୀଆଲୋକ ପାଠାଗାର ମିଳିତଭାବେ ଏହି ମେଶିନକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ସଂଗ୍ରାମ କେଶରୀ ନାଏକ, ଫାର୍ମାଶିଷ୍ଟ ମାନସ ରଞ୍ଜନ ଦଳାଇଙ୍କୁ ପ୍ରଦାନ କରିଛନ୍ତି। କରୋନାର ସମ୍ଭାବ୍ୟ ତୃତୀୟ ଲହର ବେଳେ ଏହା ରୋଗୀଙ୍କ ପାଇଁ ଉପଯୋଗୀ ହେବ ବୋଲି କୁହାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲୋଇସିଂହା,୪।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ତ୍ରିପାଠୀଙ୍କୁ ସ୍କୁଲ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରଯାଇଛି। ଏହି ଉପଲକ୍ଷେ ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ଧରୁଆ ଅଧ୍ୟକ୍ଷତା କରିଥିଲେ । ଏବିଓ ବ୍ୟାସଦେବ ରାଏ, ଋଷିମତୀ ତ୍ରିପାଠୀ, ସିଆରସିସି ଗୋବିନ୍ଦ ବେହେରା, ପର୍ଶୁ ସୁନା, ସୋମନାଥ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ତ୍ରିପାଠୀଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ପରେ ତ୍ରିପାଠୀଙ୍କୁ ବାଦିବାହାଲରୁ ଏକ ସଂକୀର୍ତ୍ତନରେ ଗ୍ରାମବାସୀ ଗ୍ରାମ ପରିକ୍ରମା କରି ଯୋଗୀସର୍ଡାସ୍ଥିତ ତାଙ୍କ ଘରେ ପହଞ୍ଚାଇଥିଲେ। ସେହିପରି ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିପାଠୀ ଓ ଆଗଲାପାଲି ସ୍କୁଲର ପ୍ରଧାନଶିକ୍ଷକ ଯବଦୁ ପଧାନଙ୍କୁ କ୍ଲଷ୍ଟରସ୍ତରୀୟ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ଜବତ ସାର ଚାଷୀଙ୍କୁ ବିକିଲେ

ବିନିକା, ୪।୯(ଡି.ଏନ୍.ଏ.)

୩ଟି ଟ୍ରକ୍‌ରେ ପ୍ରାୟ ୧ହଜାର ବସ୍ତା ୟୁରିଆ ସାରା ଚାଲାଣ ବେଳେ ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଧରାପଡିଛି। ବିନିକା କଂଗ୍ରେସର କେତେକ ନେତା ଓ କର୍ମୀ କୌଣସି ସୂତ୍ରରୁ ଚାଲାଣ ହେଉଥିବା ଖବର ପାଇ ସହରର ନୂଆ ବଜାର ଛକରେ ଅଟକଥିଲେ। ଟ୍ରକ ଡ୍ରାଇଭରଙ୍କୁ ଏ ନେଇ ପଚାରିବାରୁ ସମ୍ବଲପୁରରୁ ଆସିଥିବା ସାର ବୌଦ୍ଧ ଜିଲା ବାଉଁଶୁଣୀକୁ ଯାଉଥିବା କହିଥିଲେ। ହେଲେ ସେ ଏ ନେଇ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ଏହାପରେ ସେମାନେ ବିନିକା କୃଷି ବିଭାଗକୁ ସୂଚନା ଦେଇଥିଲେ। ବିନିକା କୃଷି ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପହଞ୍ଚି ସହର ଡଭଲାସ୍ଥିତ ଇଫକୋ ଲାଇସେନ୍ସପ୍ରାପ୍ତ ପ୍ରକାଶ ପଣ୍ଡାଙ୍କ ନିହାର ଏଣ୍ଟରପ୍ରାଇଜେସ୍ ଗୋଦାମକୁ



ନିହାର ଏଣ୍ଟରପ୍ରାଇଜେସ ଗୋଦାମରେ ରଖାଯାଇଥିବା ଜବତ ସାର।

ନେଇ ଜବତ ୧ହଜାର ପ୍ୟାକେଟ ସାରକୁ ରଖିଥିଲେ। ଶନିବାର ଜବତ ସାରକୁ ବିନିକାର ପ୍ରତ୍ୟେକ ଚାଷୀଙ୍କୁ ୨ପ୍ୟାକେଟ ଲେଖାଏ ଆଧାର କାର୍ଡ ଜରିଆରେ ପ୍ରଦାନ କରାଯାଇଥିଲା। ପ୍ୟାକେଟ ପିଛା ଦର ଥିଲା ୨୭୦ଟଙ୍କା। ବିନିକା କୃଷି ବିଭାଗର ଗ୍ରାମସେବକ ତରଣୀ ରଞ୍ଜନ ଭୋଇ, ରାଜେଶ କୁମାର ନାୟକ, ରାଜେନ୍ଦ୍ର ବିଶ୍ୱାଳ ଓ ହେମନ୍ତ ଭୋଇ ଆଧାର କାର୍ଡ ଓ ସାର ବିତରଣର ତଦାରଖ କରିଥିଲେ। ଖବର ଲେଖାହେବା ଯାଏ ୩ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୬ଶହ ପ୍ୟାକେଟ ସାର ବଣ୍ଟନ କରାଯାଇଛି। ରବିବାର ବଳକା ସାର ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ଯୁବ କଂଗ୍ରେସ ନେତା ପ୍ରଦୀପ ସେଠୀ, ବ୍ଲକ୍ କଂଗ୍ରେସ ସଭାପତି ରବିନ୍ଦ୍ର ହୋତା, ସୁମନ୍ତ ସାହୁ, ନରେନ୍ଦ୍ର ପଣ୍ଡା ପ୍ରମୁଖ କହିଛନ୍ତି।

**ଧରାପଡ଼ିଲା ୟୁରିଆ ସାର କଳାବଜାର**

- ୩ଟ୍ରକ୍‌ରେ ଯାଉଥିଲା ୧ହଜାର ବସ୍ତା ୟୁରିଆ
- ଜବତ କରି କୃଷି ବିଭାଗକୁ ଜଣାଇଲା ବିନିକା ବ୍ଲକ କଂଗ୍ରେସ
- ପ୍ରତି ଚାଷୀଙ୍କୁ ୨ପ୍ୟାକେଟ ବଣ୍ଟନ,ପ୍ୟାକେଟ ପିଛା ଦର ୨୭୦ଟଙ୍କା

## ଡାକ୍ତରଖାନାରେ ଭର୍ତ୍ତି ହେଲେ ଲାଏବ

ଲୋଇସିଂହା, ୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଗାଁର ଲାଏବ ସାହୁ(୫୭)। ଗତ ୫ ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ପୀଡିତ। ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଘରେ ପଡି ରହିଛନ୍ତି। ଏ ସଂକ୍ରାନ୍ତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସମାଜିକ କର୍ମୀ ଉମେଶ ବିଶି ଯାଦବ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଲୋଇସିଂହା ବିଧାୟକ, ମୋ ସରକାର, ବଲାଙ୍ଗୀର ଜିଲାପାଳଙ୍କୁ ଟୁଇଟ କରି ଲାଏବଙ୍କୁ ଉଚ୍ଚ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବଲାଙ୍ଗୀର ସିଡିଏମଓଙ୍କ ସହ କଥା ହୋଇ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ୭୨ଘଣ୍ଟା ମଧ୍ୟରେ ଜଣାଇବାକୁ କହିଥିଲେ। ଶନିବାର ଆଗଲପୁର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ



**ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ସ୍ତ୍ରୀ କଇଁରଙ୍କୁ ଛାଡି ଦେଲେ ଲାଏବଙ୍କ ଆଉ କେହିନାହାନ୍ତି। ମୂଲମଜୁରି କରି ଏହି ନିଃସନ୍ତାନ ଦମ୍ପତି ଚଳୁଥିଲେ । ପାଞ୍ଚବର୍ଷ ତଳେ ଲାଏବ ପକ୍ଷାଘାତରେ ଆକ୍ରାନ୍ତ ହେବା ପରେ କଇଁରୀ ଏବେ ଅସୁବିଧାରେ ପଡି ଯାଇଛନ୍ତି।

## ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଗଣଦୌଡ଼

ସୋନପୁର,୪।୯(ନି.ପ୍ର.)

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିର ଅମୃତ ମହୋତ୍ସବ ପାଳନ ଅବସରରେ ଏକ ସୁସ୍ଥ ଗଣଦୌଡ ଶନିବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁର ଆକୁକୂଲ୍ୟରେ ସ୍ଥାନୀୟ ରୟାଲ ପଡିଆଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିଜକୁ ସୁସ୍ଥ ରଖିବା ତଥା ଏକ ସ୍ୱାବଲମ୍ବୀ ସମାଜ ନିର୍ମାଣ କରିବା ନିମନ୍ତେ ପ୍ରତ୍ୟହ ୩୦ ମିନିଟ୍‌ର ଶାରୀରିକ ବ୍ୟାୟାମ ସୁନିଶ୍ଚିତ କରିବାକୁ ଜିଲାପାଳ ଶ୍ରୀମତୀ ନରୱଣେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କୋଭିଡ୍ କଟକଣା ଯୋଗୁଁ ୭୫ଜଣ ଯୁବକଙ୍କୁ ନେଇ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ ସହର ପରିକ୍ରମା



ସୋନପୁର ସହରରେ ଅନୁଷ୍ଠିତ ଗଣ ଦୌଡ ।

କରିଥିଲା। ଜିଲା ନେହେରୁ ଯୁବକେନ୍ଦ୍ର ଅଧିକାରୀ ବୀରେନ୍ଦ୍ର ସିଂ ବୋକେନ ସାରା ଭାରତରେ ସୁସ୍ଥତା ତଥା ସଚେତନତା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ପର୍ଯ୍ୟାୟକ୍ରମେ ଜିଲାର ୭୫ଟି ଗ୍ରାମରେ ଏଭଳି ଗଣ ଦୌଡର ଆୟୋଜନ କରାଯିବ ବୋଲି କହିଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ବିପିନ ବିହାରୀ ଜେନା, ଯୁବ ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ, ଡ. ଦେବାଶିଷ ପାଣ୍ଡିଆ, ଦୁର୍ବାସା ପ୍ରଧାନ, ମାରୱାଡି ଯୁବାମଞ୍ଚ ସଭାପତି ମନୋଜ ଅଗ୍ରୱାଲା, ସମ୍ପାଦକ ଅମିତ ଅଗ୍ରୱାଲା, ବୁଢାରାଜା ଯୁବକ ସଂଘର ସଭାପତି ଶିବଶଙ୍କର ନାୟକ, ସମ୍ପାଦକ ତାପସ କୁମାର ବେଉରା, ରୟାଲ ସ୍ପୋର୍ଟିଂର ରାକେଶ ନାଗ, ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ମୁରିବାହାଲ, ୪।୯(ଡ଼.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗୁଡିଘାଟ-କଣ୍ଟାବାଞ୍ଜି ରାସ୍ତାର ପତ୍ରାପାଲି ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଲପଡା ଥାନା ଅନ୍ତର୍ଗତ ଗୀଜମାଲ ଗ୍ରାମର ଗୌରାଙ୍ଗ ହାତୀ (୪୭)। ସେ ମୁରିବାହାଲ ଥାନା ଜାମପଦର ଗ୍ରାମକୁ ନିଜ ସମ୍ପର୍କୀୟଙ୍କ ଘରକୁ ଆସୁଥିବା ବେଳେ ବାଲି ନେଇ ଯାଉଥିବା ଟ୍ରାକ୍ଟର ନଂଓଡି୦୩ଜେ୫୯୬୮ ତାଙ୍କୁ ଧକା ଦେଇଥିଲା। ଗୁରୁତର ଅବସ୍ଥାରେ ଗୌରାଙ୍ଗଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ଟ୍ରାକ୍ଟର ଓ ବାଇକ (ନଂ.ଓଡି୦୮-୪୨୧୦)କୁ ଜବତ କରିଛି।

## ସର୍ଦ୍ଧାପୁରକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ତେଜିଲା



ରାଜସ୍ୱ ଗାଁ ମାନତ୍ୟା ଦାବିରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଗ୍ରାମବାସୀ।

ମୁରିବାହାଲ, ୪।୯(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଣାବହାଲ ପଞ୍ଚାୟତ ଅନ୍ତର୍ଗତ କୁର୍ଲୁବାହାଲ ରାଜସ୍ୱ ଗାଁର ପଡ଼ାଗ୍ରାମ ସର୍ଦ୍ଧାପୁର। ଏବେ ଏହି ପଡା ଗାଁ ରାଜସ୍ୱ ଗାଁର ମାନ୍ୟତା ଦେବାକୁ ଦାବି ତେଜିଛି। ଶୁକ୍ରବାର ୱାର୍ଡସଭ୍ୟ ଦ୍ରୁପତି ଝଙ୍କାରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇ ଦାବିକୁ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଛି। ସର୍ଦ୍ଧାପୁର କ୍ରିୟାନୁଷ୍ଠାନିକ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ଘୋଷିତ ନିୟମ ଅନୁଯାୟୀ ରାଜସ୍ୱ ଗାଁ ମାନ୍ୟତା ପାଇବାକୁ ସମସ୍ତ ଯୋଗ୍ୟତା ଏହି ଗାଁର ରହିଛି। ଗ୍ରାମର ଜନସଂଖ୍ୟା ୮୫୦ରୁ ଊର୍ଦ୍ଧ୍ୱ। ଗ୍ରାମରେ ୨୫୦ ହେକ୍ଟର ଜମି ଥିବା ବେଳେ ସରକାରୀ ବିଦ୍ୟାଳୟ, ଆଙ୍ଗନୱାଡ଼ି କେନ୍ଦ୍ର ରହିଛ। ହେଲେ ରାଜସ୍ୱ ଗ୍ରାମର ମାନ୍ୟତା ମିଳି ନ ଥିବାରୁ ସରକାରଙ୍କ ଅନେକ ଯୋଜନା ପାଇବାରୁ ବଞ୍ଚିତ ରହିଛି ସର୍ଦ୍ଧାପୁର। ଏ ନେଇ ବିଡିଓ, ତହସିଲଦାର, ଟିଟିଲାଗଡ ଉପଜିଲାପାଳ, ଜିଲାପାଳ,ବିଧାୟକ କଣ୍ଟାବାଞ୍ଜିଙ୍କୁ ଅବଗତ କରାଯାଇଥିବା କ୍ରିୟାନୁଷ୍ଠାନ କମିଟିର ବସନ୍ତ ଦୀପ, ଶ୍ୟାମ ସୁନ୍ଦର ମାଝି, ଟିକେରାମ କୁମ୍ଭାର, ବଳଦେବ କୁଅଁର, ପବିତ୍ର ଜାଲ, ଗୁନେନ ଝଙ୍କାର, ବେଣୁଧର ଦୀପ, ଲୋକନାଥ ଭୁଏ, ସତ୍ୟାବନ ବେହେରା, ଓକିଲ ଦ୍ୱୀପ ପ୍ରମୁଖ କହିଛନ୍ତି।

## ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ମର୍ଯ୍ୟାଦିପୁର ଚାମ୍ପିୟନ

ଅମରପାଲି, ୪।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଖେଳପଡିଆରେ ଶନିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା.ଆନନ୍ଦ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲାର ଫୁଲଚରା, ସଂଗ୍ରାମପୁର, ସୁବଳୟା, ଚୌକା ଓ ପିତାମହୁଲ ଏବଂ ବୌଦ୍ଧ ଜିଲାର ମର୍ଯ୍ୟାଦିପୁର ଓ ତେନ୍ତୁଳିପାଲି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମର୍ଯ୍ୟାଦିପୁର ଓ ସଂଗ୍ରାମପୁର ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିଥିଲା। ପେନାଲଟି ସୁଟ୍‌ଆଉଟ୍‌ରେ ମଧ କୌଣସି ଫଳାଫଳ ବାହାରି ନ ଥିଲା।



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

ତେଣୁ ଟସ୍ ମାଧମରେ ମର୍ଯ୍ୟାଦିପୁର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହା ମୁଖ୍ୟ ଅତିଥି, ଲଳିତ ପାତ୍ର, କ୍ରୀଡାବିତ ସଞ୍ଜିବ ମେହେର, ଦେବୀଦତ୍ତ ସାହୁ, ପବିତ୍ର ମେହେର ଓ ରଞ୍ଜନ ତାଣ୍ଡିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ନଗଦ ୩ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଦଳକୁ ନଗଦ ୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

### ମୋବାଇଲ ଟାୱାର ସ୍ଥାପନ ଦାବିରେ ରାସ୍ତାରୋକୋ

କଣ୍ଟାବାଞ୍ଜି, ୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ଥାନା କାଦୋବେଡା ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ ଦାବି କରିଛନ୍ତି ଗ୍ରାମବାସୀ। କୀଟନାଶକ ପିଇ ଗାଁର ରିଚେକ ବନଛୋର ଆତ୍ମହତ୍ୟା କରିବା ପରେ ଗାଁକୁ ସମବେଦନା ଜଣାଇବାକୁ ଭାଜପା ପ୍ରତିନିଧି ଦଳ ଆସିବା ଅବସରରେ ଏହି ଦାବି କରିଛନ୍ତି ଗ୍ରାମବାସୀ। ଭାଜପା ପ୍ରତିନିଧି ଦଳ ଗାଁକୁ ପ୍ରବେଶ କରିବା ଅବସରରେ ଗାଁର କେତେକ ଲୋକେ ରାସ୍ତାରେ ବସି ପଡିଥିଲେ। ଏମ୍‌ପି ସଙ୍ଗୀତା କୁମାର ସିଂଦେଓଙ୍କ ଦୃଷ୍ଟି ଆକର୍ଷଣ କରି ଟାୱାର ସ୍ଥାପନ ଦିଗରେ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ପ୍ରତିନିଧି ଦଳର ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଭାଜପା ନେତାମାନେ ସାମିଲ ଥିଲେ।

## ପାଇପ ଜଳ ଯୋଗାଣ କର୍ମଚାରୀ ଜିଲା ସଂଘ ବୈଠକ

ଦେଓଗାଁ, ୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହା ଲକ୍ଷ୍ମଣଝୁଲାଠାରେ ଶନିବାର ଓଡିଶା ପାଇପ ଜଳ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ୧୪ ବ୍ଲକରୁ ପାଇପଜଳ କର୍ମଚାରୀ ଯୋଗଦେଇଥିଲେ। ଲୋକନାଥ ରଣା, ଚୈତନ୍ୟ ପଧାନ, ସୁଶାନ୍ତ ମହାକୁର, ପୃଥ୍ୱୀରାଜ କୁମ୍ଭାର, ପ୍ରକାଶ ବିଶ୍ୱାଳ, ରଜନୀ ପଧାନ, ଭିକାରୀ ରଣା ପ୍ରମୁଖ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ନଳକୂଅ ମରାମତି କର୍ମଚାରୀଙ୍କ ମାସିକ ଦରମା ବୃଦ୍ଧି ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।




ପାଇପଜଳ ଯୋଗାଣ କର୍ମଚାରୀ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଜଟିଳ ହେଉଛି ଜମି ସମସ୍ୟା

ବଲାଙ୍ଗୀର ଅଫିସ, ୪।୯

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଜଟିଳ ହେବାରେ ଲାଗିଛି। ବାସ୍ତବରେ ଏହି ଶିକ୍ଷାନୁଷ୍ଠାନ ପାଖରେ କେତେ ଜମି ରହିଛି ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି କେତେ ଜମି ଦିଆଯିବ ତାହା ସ୍ପଷ୍ଟ ହେଉନାହିଁ। ପଶ୍ଚିମ ଓଡିଶାର ସର୍ବପୁରାତନ ଏହି ଶିକ୍ଷାନୁଷ୍ଠାନ ନାଁରେ ଏପର୍ଯ୍ୟନ୍ତ ଏକ ଇଞ୍ଚ ଜମି ନାହିଁ। ଦୀର୍ଘ ୭୭ ବର୍ଷ ପରେ ମଧ ଏହି ଶିକ୍ଷାନୁଷ୍ଠାନର ଦଖଲଭୁକ୍ତ ଜମିର ପଟ୍ଟା (ଆରଓଆର୍) ତିଆରି ହୋଇନାହିଁ। ୧୯୪୪ ମସିହାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମୟରେ ପାଟଣା ଷ୍ଟେଟ୍‌ର ତତ୍କାଳୀନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ଏହି ଶିକ୍ଷାନୁଷ୍ଠାନ ପାଇଁ ୨୪୮ ଏକର ଜମି ବ୍ୟବସ୍ଥା କରିଥିବା କୁହାଯାଏ। ତେବେ ଉକ୍ତ ଜମିଦାନ ସମ୍ପର୍କିତ କୌଣସି କାଗଜପତ୍ର ଶିକ୍ଷାନୁଷ୍ଠାନ କିମ୍ବା ଜିଲା ପ୍ରଶାସନ ପାଖରେ ମିଳିନାହିଁ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ଅଧିନିୟମ

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**




- ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟର ରହିଛି ଶତାଧିକ ଏକର ଜମି
- ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଜମି ମିଳୁନି
- ସରକାରଙ୍କ ଦୋ ମୁହାଁ ନୀତିକୁ ନେଇ ବଢୁଛି ଅସନ୍ତୋଷ

୧୯୫୬ ଧାରା ୧୨ (ବି) ସ୍ୱୀକୃତି ପାଇଁ ଜମି, ଷ୍ଟାଫ୍ ଓ ଭିତ୍ତିଭୂମି ମାନଦଣ୍ଡ ପୂରଣ ହେବା ବିଧେୟ। ଏଭଳି ପରିସ୍ଥିତିରେ ଜମି ସମସ୍ୟା ସମାଧାନ ନହେବା ବିଶ୍ୱବିଦ୍ୟାଳୟକୁ ଅଡୁଆ ପରିସ୍ଥିତିରେ ପକାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଭବିଷ୍ୟତରେ ଏକ ଉନ୍ନତ ମାନର ଶିକ୍ଷାନୁଷ୍ଠାନ ଭାବେ ଗଢ଼ିବା ପାଇଁ ଅତିକମ୍‌ରେ ୧୫୦ ଏକର ଜମି ଆବଶ୍ୟକ ବୋଲି କୁହାଯାଉଥିଲା। ଗତ ୨ ତାରିଖ ଦିନ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ୬୦ ଏକର ଜମି ଯଥେଷ୍ଟ ବୋଲି କହିଥିଲେ। ଏଭଳିକି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ଆଉ ଦ୍ୱିତୀୟ କ୍ଯାମ୍ପସର ଆବଶ୍ୟକତା ନାହିଁ ବୋଲି କହିଥିଲେ।

ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ୩୯୯.୯ ଏକର ଜମି ରହିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ୬୭୦ ଏକର ଜମି ରହିଛି। ସମ୍ବଲପୁର ଆଇଆଇଏମ୍ ପାଇଁ ୨୬୦ ଏକର ଜମି ଚିହ୍ନଟ କରାଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫୦ ଏକର ଜମି ରହିଛି। ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ୯୮.୮୪ ଏକର ଜମି ରହିଛି। କଟକ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ପ୍ରଥମ କ୍ୟାମ୍ପସ୍ ୮୭ ଏକର ବିଶିଷ୍ଟ ଥିବାବେଳେ ବ୍ରଜବିହାରୀପୁରଠାରେ ଦ୍ୱିତୀୟ କ୍ୟାମ୍ପସ ପାଇଁ ୧୪୨ ଏକର ଜମି ଚିହ୍ନଟ କରାଯାଇଛି। ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଥମ କ୍ୟାମ୍ପସ୍ ୨୦ ଏକର ଏବଂ ଦ୍ୱିତୀୟ କ୍ୟାମ୍ପସ ୭୨ ଏକର ସମୁଦାୟ ୯୨ ଏକର ଜମି ରହିଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରଥମ କ୍ୟାମ୍ପସ୍ ୩୮ ଏକର ଏବଂ ବଡସିଂହାରୀଠାରେ ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ୭୬ ଏକର ଏଭଳି ସମୁଦାୟ ୧୧୪ ଏକର ଜମି ପ୍ରଦାନ କରାଯାଇଛି। କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଥମ କ୍ୟାମ୍ପସ୍ ୪୦ ଏକର ଏବଂ କର୍ଲାପଡା ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ୯୬.୪୭ ଏକର ଜମି ଚିହ୍ନଟ କରାଯାଇଛି। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନରେ ୪୫୦ ଏକର ଜମି ରହିଛି। ଏହାସହିତ କିଟ୍ ବିଶ୍ୱବିଦ୍ୟାଳୟର ୭୦୦ ଏକର ଏବଂ କିସ୍ ବିଶ୍ୱବିଦ୍ୟାଳୟର ୧୦୦ ଏକର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ୪୫୧ ଏକର ଜମି ରହଛି। ରାଜ୍ୟର ଉପରୋକ୍ତ ବିଶ୍ୱବିଦ୍ୟାଳୟଗୁଡିକୁ ଶତାଧିକ ଏକର ଜମି ଯୋଗାଇ ଦିଆଯାଇଥିବାବେଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ସମାଧାନ ନହେବା ଏବଂ ଏହି ଶିକ୍ଷାନୁଷ୍ଠାନକୁ ଅଧିକ ପରିମାଣର ଜମି ଯୋଗାଇ ଦିଆନଯିବା ଏକ ଷଡଯନ୍ତ୍ର ବୋଲି କୁହାଯାଉଛି। ଏହି ପ୍ରସଙ୍ଗକୁ ନେଇ ବିଧାୟକ ନରସିଂହ ମିଶ୍ର ବେଦାନ୍ତକୁ ୧ ହଜାର ଏକର ଜମି ଯୋଗାଉଥିବା ସରକାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଅତିକମ୍‌ରେ ୧୦୦ ଏକର ଜମି ଯୋଗାଇ ନଦେବା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଶୀଘ୍ର ସମାଧାନ ନହେଲେ ଆଗକୁ ବଡଧରଣର ଆନ୍ଦୋଳନ ଆଶଙ୍କା ଦେଖାଦେଲାଣି।

### ଅଭିଯୁକ୍ତ ସ୍ୱାମୀଙ୍କୁ ଦଶବର୍ଷ କାରାଦଣ୍ଡ

**ପୂଜା ହତ୍ୟା ମାମଲା**

ଟିଟିଲାଗଡ଼, ୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅତିରିକ୍ତ ଜିଲାଦୌରା ଜଜ ରାଜକୁମାର ଦାସ ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଦଶ ବର୍ଷ ସଶ୍ରମ କାରାଦଣ୍ଡ ଓ ଏକ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଦୁଇ ବର୍ଷ କାରାବାସ ଆଦେଶ ଶୁଣାଇଛନ୍ତି। ତିନି ବର୍ଷତଳେ ଟିଟିଲାଗଡ଼ ଟାଙ୍ଗରପଡାରେ ଅନିଲ ସିଂ ସୁନା ତାଙ୍କ ସ୍ତ୍ରୀ ପୂଜାଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ମା ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅନିଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଗତ ଶନିବାର ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରାଜଜ ଅନିଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଶନିବାର ଦଣ୍ଡାଦେଶ ଶୁଣାଇଛନ୍ତି। ମୃତଙ୍କ ତରଫରୁ ସରକାରୀ ଓକିଲ ରାଧାକାନ୍ତ ପାଢ଼ୀ ମାମଲା ପରିଚାଳନା କରୁଥିଲେ।